# ସିଆଇସି ଚୟନ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମୁଖ୍ୟ ସୂଚନା କମିଶନର (ସିଆଇସି) ନିଯୁକ୍ତି ପାଇଁ ସର୍ଚ୍ଚ କମିଟି ପ୍ରସ୍ତୁତ କରିଥିବା ସଂକ୍ଷିପ୍ତୀକୃତ ତାଲିକାରେ ଏଥିପାଇଁ ଦରଖାସ୍ତ କରିଥିବା ଦୁଇଜଣ ବରିଷ୍ଠ ସୂଚନା କମିଶନରଙ୍କ ନାମକୁ ବାଦ୍ ଦିଆଯାଇଛି। ଅଥଚ ଏପରି ଚାରିଜଣଙ୍କ ନାମ ଏହି ତାଲିକାରେ ରଖାଯାଇଛି, ଯେଉଁମାନେ ଉକ୍ତ ପଦ ପାଇଁ ଆଦୌ ଆଗ୍ରହ ପ୍ରକାଶ କରି ନ ଥିଲେ। ସରକାର ସାର୍ବଜନୀନ କରିଥିବା କାଗଜପତ୍ରରୁ ଏହା ଜଣାପଡ଼ିଛି। ବର୍ତ୍ତମାନ ସୁପ୍ରିମ୍‌କୋର୍ଟ ବି ଘଟଣା ସମ୍ପର୍କରେ ଜାଣିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି। ଆବେଦନ କରି ନ ଥିବା ଲୋକଙ୍କ ନାମ କିପରି ଶର୍ଟଲିଷ୍ଟ କରାଗଲା ବୋଲି କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରାଯାଇଥିବା ଜଣାପଡ଼ିଛି। କ୍ୟାବିନେଟ୍ ସଚିବ ପି.କେ. ସିହ୍ନାଙ୍କ ନେତୃତ୍ୱାଧୀନ ସର୍ଚ୍ଚ କମିଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ତଥା ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଓ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ନେଇ ଗଠିତ ଚୟନ କମିଟି ଆଗରେ ଉପସ୍ଥାପନ କରିବା ପାଇଁ ପ୍ରସ୍ତୁତ କରିଥିବା ଉକ୍ତ ତାଲିକାରେ ପାଞ୍ଚଜଣଙ୍କ ନାମ ରଖିଛି। କୌତୂହଳର କଥା ହେଲା, ବ୍ୟୟ ବିଭାଗ ସଚିବ ଘୋଷଣା କରିଛନ୍ତି ଯେ, ସେ ସୂଚନା ଆୟୁକ୍ତ ପଦ ପାଇଁ ଆବେଦନ କରିଥିଲେ କିନ୍ତୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ପରାମର୍ଶ କରିବା ପରେ ତାଙ୍କୁ ସର୍ଚ୍ଚ କମିଟିରେ ରଖାଗଲା। ଉକ୍ତ ପଦବୀ ପାଇଁ ମୋଟ ୬୮ ଜଣ ଆବେଦନକାରୀଙ୍କ ମଧ୍ୟରେ ସିଆଇସିର ସମସ୍ତ ତିନିଜଣ ଯାକ କମିଶନର– ସୁଧୀର ଭାର୍ଗବ, ବିମଲ ଜୁଲ୍‌କା ଓ ଦିବ୍ୟପ୍ରକାଶ ସିହ୍ନା ଅଛନ୍ତି। କିନ୍ତୁ କ୍ୟାବିନେଟ୍ ସଚିବଙ୍କ ନେତୃତ୍ୱାଧୀନ କମିଟି ପାଞ୍ଚଜଣଙ୍କ ନାମବିଶିଷ୍ଟ ସଂକ୍ଷିପ୍ତୀକୃତ ତାଲିକାରେ ଜୁଲ୍‌କା ଓ ସିହ୍ନାଙ୍କ ନାମକୁ ବାଦ୍ ଦେଇଛି। ଯେଉଁ ପାଞ୍ଚଜଣଙ୍କୁ ଉକ୍ତ ତାଲିକାରେ ରଖାଯାଇଛି, ସେମାନେ ହେଉଛନ୍ତି ସମସ୍ତେ ପୂର୍ବତନ ଆଇଏଏସ୍ ଅଫିସର– ଭାର୍ଗବ, ପୂର୍ବତନ ଏମ୍‌ଏସ୍‌ଏମ୍‌ଇ ସଚିବ ମାଧବ ଲାଲ, ଗୁଜରାଟର ପୂର୍ବତନ ଅତିରିକ୍ତ ମୁଖ୍ୟ ସଚିବ ଏସ୍.କେ. ନନ୍ଦ, ପ୍ରଶାସନିକ ସଂସ୍କାର ଓ ଜନଅଭିଯୋଗ ବିଭାଗର ପୂର୍ବତନ ସଚିବ ଆଲୋକ ରାୱତ୍ ଏବଂ ପୂର୍ବତନ ବ୍ୟୟ ସଚିବ ଆର୍.ପି. ୱତଲ। ଚାରିଜଣ ପୂର୍ବତନ ବାବୁଙ୍କ ମଧ୍ୟରୁ କେହି ହେଲେ ସିଆଇସି ପଦବୀ ପାଇଁ ଆବେଦନ କରି ନ ଥିଲେ। ତେବେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ ଚୟନ କମିଟି ସର୍ଚ୍ଚ କମିଟି ଦ୍ୱାରା ସଂକ୍ଷିପ୍ତୀକୃତ ନାମଗୁଡ଼ିକ ସମେତ ସମସ୍ତ ଆବେଦନକାରୀଙ୍କ ନାମକୁ ବିଚାରକୁ ନେଇ ଭାର୍ଗବଙ୍କୁ ଉକ୍ତ ପଦ ଲାଗି ମନୋନୀତ କରିଥିବା ଜଣାପଡ଼ିଛି।

### ରାଜନୀତିର ଡାକ

ଜମ୍ମୁ–କଶ୍ମୀରରେ ବ୍ୟାପକ ହତ୍ୟା ଘଟଣାକୁ ବିରୋଧ କରି ଆଇଏଏସ୍ ଚାକିରିରୁ ଇସ୍ତଫା ଦେଇ ଆଲୋଡନ ସୃଷ୍ଟି କରିଥିବା ଶାହ ଫିସାଲ ରାଜନୀତିରେ ଯୋଗଦେବା ସମ୍ପର୍କରେ ନିକଟରେ ସୂଚନା ଦେଇଛନ୍ତି। ୨୦୧୦ରେ ୟୁପିଏସ୍‌ସି ପରୀକ୍ଷାରେ ଟପର ହୋଇ ଫିସାଲ ରାଜ୍ୟରେ ଜଣେ ଯୁବ ଆଇକନ୍ ଭାବେ ଉଭା ହୋଇଥିଲେ। କିନ୍ତୁ କେତେକ ପର୍ଯ୍ୟବେକ୍ଷକଙ୍କ ମତରେ ଫିସାଲ ପ୍ରଶାସନିକ ଚାକିରି ଛାଡ଼ିବାକୁ ଯୋଜନା କରୁଥିବା ବିଷୟରେ ପୂର୍ବରୁ ସୂଚନା ମିଳିଥିଲା। ତେବେ ରାଜ୍ୟ ରାଜନୀତିରେ ଫିସାଲଙ୍କୁ ତୀବ୍ର ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ପଡ଼ିବ। କିନ୍ତୁ ବାବୁଗିରି ଛାଡ଼ି ରାଜନୀତିକୁ ବାଛିବାରେ ସେ ଏକମାତ୍ର ବ୍ୟକ୍ତି ନୁହନ୍ତି। ଗତମାସରେ ଶ୍ରୀନଗରର ପୂର୍ବତନ ଏସ୍‌ଏସ୍‌ପି ରିୟାଜ ବେଦାର ନ୍ୟାଶ୍‌ନାଲ କନ୍‌ଫରେନ୍ସରେ ଯୋଗ ଦେଇଛନ୍ତି ଏବଂ ସେ ପଟ୍ଟାନରୁ ନିର୍ବାଚନ ଲଢ଼ିବାର ସମ୍ଭାବନା ରହିଛି। ତା'ପରେ ଫିସାଲଙ୍କ ପଦାଙ୍କ ଅନୁସରଣ କରି ଅନନ୍ତନାଗର ପ୍ରମୁଖ ଓ ଦୌରା ଜଜ୍ ସୟଦ ତୋକିର ମଧ୍ୟ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଛନ୍ତି। ଶୁଣିବାକୁ ମିଳୁଛି ଯେ, ସେ କୁଆଡ଼େ ଆଗାମୀ ଦିନରେ ନ୍ୟାଶ୍‌ନାଲ କନ୍‌ଫରେନ୍ସରେ ଯୋଗଦେବା ସହ ଦକ୍ଷିଣ କଶ୍ମୀରର କୋକେରନାଗ ବିଧାନସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ବର୍ତ୍ତମାନ ଶ୍ରୀନଗରରେ ରହୁଥିବା ଉତ୍ତର କଶ୍ମୀରର ଆଉ ଜଣେ ବରିଷ୍ଠ ବିଚାରପତି ମଧ୍ୟ ରାଜନୀତିରେ ପ୍ରବେଶ କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି। ଅସଗର ଅଲି ନାମକ ଆଉ ଜଣେ ବାବୁ ମଧ୍ୟ ରାଜନୀତିରେ ପ୍ରବେଶ ଲାଗି ଅବସର ନେବା କଥା ଚିନ୍ତା କରୁଥିବା ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଉଛି।

### ବିଳମ୍ବିତ ନିଯୁକ୍ତି

ଦାମୋଦର ଭ୍ୟାଲି କର୍ପୋରେଶନ (ଡିଭିସି)ର ଅଧ୍ୟକ୍ଷ ପଦ ବର୍ଷାଧିକ କାଳ ହେଲା ଖାଲି ପଡ଼ିଛି। ଗତ ନଭେମ୍ବର ୨୦୧୭ରେ ଆଣ୍ଡ୍ରୁ ଡବ୍ଲ୍ୟୁ.କେ. ଲାଙ୍ଗ୍‌ଷ୍ଟିହଙ୍କ ଇସ୍ତଫା ପରଠାରୁ ଏହା ଖାଲି ପଡ଼ିଥିଲା। ତାଙ୍କ କାର୍ଯ୍ୟକାଳ ପୂରିବାକୁ ଆଉ ୧୧ ମାସ ବାକି ଥିଲା। ଏକ ବୈଠକରେ କେନ୍ଦ୍ରୀୟ କର୍ମକର୍ତ୍ତାଙ୍କ କ୍ରୋଧର ଶିକାର ହୋଇ ସେ ଇସ୍ତଫା ଦେଇଥିଲେ ବୋଲି କୁହାଯାଉଛି। ତେବେ ତାଙ୍କ ଇସ୍ତଫାକୁ ନେଇ ବିଶେଷଜ୍ଞ ମହଲରେ ଆଶ୍ଚର୍ଯ୍ୟ ପ୍ରକାଶ ପାଇଥିଲା, କାରଣ ତାଙ୍କ ନେତୃତ୍ୱରେ ଡିଭିସିର ପ୍ରଦର୍ଶନ ଖୁବ୍ ଭଲ ଥିଲା। ତାଙ୍କ ପ୍ରଚେଷ୍ଟା ଯୋଗୁ ସଂସ୍ଥାର ଉନ୍ନତି ଘଟିବା ସହ ଝାଡ଼ଖଣ୍ଡରୁ ପ୍ରାପ୍ୟ ଆଦାୟ ଓ ଋଣ ପରିଚାଳନା ସୁଷ୍ଠୁଭାବେ ସମ୍ପାଦିତ ହୋଇଥିଲା। ବର୍ତ୍ତମାନ ମିଳିଥିବା ସୂଚନା ଅନୁଯାୟୀ, ଏହି ପଦବୀ ଲାଗି ଆସନ୍ତା ସପ୍ତାହରେ ସାକ୍ଷାତ୍‌କାର ପରୀକ୍ଷା ହେବାକୁ ଯାଉଛି। ଉକ୍ତ ପଦ ଲାଗି ବୈଷୟିକ ସଦସ୍ୟ ଆର୍.ପି. ତ୍ରିପାଠୀ ଓ ଅର୍ଥ ସଦସ୍ୟ ଏସ୍. ହାଲଦାରଙ୍କ ମଧ୍ୟରେ ପ୍ରତିଯୋଗିତା ହେବାର ସମ୍ଭାବନା ଅଛି। ବର୍ତ୍ତମାନ ଏନ୍‌ଟିପିସିର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ଗୁର୍‌ଦୀପ ସିଂ ଡିଭିସି ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି।

Email: dilipcherian@gmail.com

# ସମ୍ବିଧାନର ଜନ୍ମ ଓ ଆଜିର ସ୍ଥିତି



ବିପିନ ବିହାରୀ ମିଶ୍ର

ଆମ ସମ୍ବିଧାନ ଗଠିତ ହେଲା ଜାନୁୟାରୀ ୨୬, ୧୯୫୦ ମସିହାରେ। ସମ୍ବିଧାନ ଗଠନ କରିବା ପାଇଁ ଯେଉଁ ସଂସ୍ଥା (Constituent Assembly) ଗଠନ କରାଗଲା, ତା'ର ସଦସ୍ୟମାନଙ୍କୁ ବିଭିନ୍ନ ରାଜ୍ୟର ଅସ୍ଥାୟୀ ବିଧାନସଭା ନିର୍ବାଚିତ କଲେ। ଅସ୍ଥାୟୀ ବିଧାନସଭାର ସଦସ୍ୟମାନଙ୍କୁ ଯେଉଁମାନେ ନିର୍ବାଚିତ କଲେ, ସେମାନଙ୍କ ମଧ୍ୟରେ ଥିଲେ କିଛି ପାଠୁଆ ଓ କିଛି ସମ୍ପତ୍ତି ଥିଲାବାଲା। ସେହି ହିସାବରେ ଦେଶର ମାତ୍ର ୧୨% ଅଧିବାସୀ ଭୋଟ୍ ଦେବା ପାଇଁ ସକ୍ଷମ ହେଲେ। ପୁଣି ସମସ୍ତେ ଭୋଟ୍ ଦେଇ ନ ଥିବେ। କେତେକ ଦେଶୀୟ ରାଜ୍ୟ ତାଙ୍କ ପ୍ରତିନିଧିମାନଙ୍କୁ ପଠାଇଲେ । ସେମାନଙ୍କର ଆୟ, ଆୟତନ ହିସାବ କରି କେଉଁ ରାଜ୍ୟ କେତେ ପ୍ରତିନିଧି ପଠାଇବ, ତାହା ଇଂରେଜ ସରକାର ସ୍ଥିର କଲେ। ତେଣୁ ଓଡ଼ିଶାର ମୟୂରଭଞ୍ଜରୁ ଜଣେ ସଦସ୍ୟ ଯାଇପାରିଲେ। ଏଇ ସଦସ୍ୟମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ଶିକ୍ଷିତ, ଆଇନଜୀବୀ କିମ୍ବା ଆଇନଜ୍ଞ ଥିଲେ। ପଣ୍ଡିତ ନେହେରୁ, ସର୍ଦ୍ଦାର ପଟେଲ, କେ.ଏମ୍. ମୁନ୍‌ସୀ, ଡ. ଆମ୍ବେଡକର, ପୁରୁଷୋତ୍ତମ ଦାସ ଟଣ୍ଡନ ପ୍ରମୁଖ ରାଜନୀତିରେ ଜଣାଶୁଣା ତଥା ଆଇନଜ୍ଞ ଓ ତାଙ୍କ ସାଙ୍ଗରେ ଥିଲେ ବିଶିଷ୍ଟ ଆଇନଜ୍ଞ ଆଲାଡି କ୍ରିଷ୍ଣା ଆୟାର, ଗୋପାଳ ସ୍ୱାମୀ ଆୟାର, ତେଜ ବାହାଦୁର ସାପ୍ରୁ ଓ ଏହିଭଳି ଅନେକ। ୨୯୨ ସଦସ୍ୟ ପ୍ରାୟ ୩ ବର୍ଷ ଆଲୋଚନା କଲେ, ଅନେକ ଯୁକ୍ତିତର୍କ ହେଲା ଓ ଆସେମ୍ବ୍ଲିର ସଭାପତି ଡ. ରାଜେନ୍ଦ୍ର ପ୍ରସାଦ ନିଜ ଆଇନ ଜ୍ଞାନ ଓ ବ୍ୟକ୍ତିତ୍ୱ ପାଇଁ ସଭାକୁ ଠିକ୍ ଭାବେ ପରିଚାଳନା କରିପାରିଲେ କିନ୍ତୁ ବିଶିଷ୍ଟ ଭୂମିକା ନେଇଥିଲେ ସର୍ଦ୍ଦାର ପଟେଲ। ସେ ପରଦା ପଛପଟେ ଥାଇ ଆଲୋଚନା କରି ବିବାଦର ସମାଧାନ କରିଦେଉଥିଲେ। ତେଣୁ ଏତେ ବଡ଼ ଦେଶର ଏତେ ବଡ଼ ସମ୍ବିଧାନ (ଏଯାବତ୍ ପୃଥିବୀର ସବୁଠାରୁ ବଡ଼) ତିଆରି ହେଲା ଅଥଚ କୌଣସି ଧାରା ଉପରେ ଭୋଟ୍ ପାଇଁ ଦାବି କରାଗଲା ନାହିଁ, ଯଦିବା ଯୁକ୍ତିତର୍କ ଖୁବ୍ ହେଲା। ଏସବୁ ମୂଳରେ ଥିଲା ପ୍ରାୟ ଚୁପ୍‌ଚାପ୍ ବସୁଥିବା ସର୍ଦ୍ଦାର ପଟେଲଙ୍କର ଅଦୃଶ୍ୟ ହାତ। ଆଲୋଚନା ସମୟରେ ଆଲାଡି କ୍ରିଷ୍ଣା ଆୟାର, ଗୋପାଳସ୍ୱାମୀ ଆଏଙ୍ଗାର, କେ.ଏମ୍. ମୁନ୍‌ସୀ, ଡ. ଆମ୍ବେଡକର, ପୁରୁଷୋତ୍ତମ ଦାସ ଟଣ୍ଡନ ଯେଉଁସବୁ ମନ୍ତବ୍ୟ ଦେଉଥିଲେ ସେ ସବୁକୁ ଏ ପର୍ଯ୍ୟନ୍ତ ସମ୍ବିଧାନ ବିଶେଷଜ୍ଞମାନେ ନିଜର ଆଲେଖ୍ୟରେ ଦର୍ଶାଉଛନ୍ତି। କିନ୍ତୁ ସମ୍ବିଧାନ ବିଷୟରେ ତିନୋଟି ମୁଖ୍ୟ ସମାଲୋଚନା ହେଲା–୧. ବହୁତ ଲମ୍ବା ଓ କେତେକ ସ୍ଥାନରେ ପରସ୍ପରବିରୋଧୀ, ୨. କେସ୍ କରିବା ପାଇଁ ଏଥିରେ ବହୁ ସୁଯୋଗ ରହିଛି, ୩– ଏହା ଓକିଲମାନଙ୍କ ପାଇଁ, ଓକିଲମାନଙ୍କ ଦ୍ୱାରା ପ୍ରସ୍ତୁତ।

ଆଉ କେହି କେହି କୁହନ୍ତି, ଆମେରିକା ହେଉଛି ପୂର୍ଣ୍ଣ ଭାବରେ ରାଷ୍ଟ୍ରସଂଘର ସରକାର। କିନ୍ତୁ ଆମ ଦେଶରେ କେନ୍ଦ୍ରର କ୍ଷମତା ଆଗରେ ରାଜ୍ୟଗୁଡ଼ିକର କ୍ଷମତା ମଳିନ ପଡ଼ିଯାଏ। ଏ କଥା ବିଦେଶୀ ବିଶେଷଜ୍ଞ ଆଇଭର ଜେନିଂସ ଓ କେ.ସି. ହ୍ୱେର ପ୍ରମୁଖ କହିଛନ୍ତି। ଏହାର ଉତ୍ତରରେ ଅନେକ ସମ୍ବିଧାନ ବିଶେଷଜ୍ଞ କହିଛନ୍ତି ଯେ,

### ସାଧାରଣତନ୍ତ୍ର ଦିବସ ଉପଲକ୍ଷେ

ଯାହା ଆମେରିକା ପାଇଁ ଠିକ୍ ତାହା ଆମ ପାଇଁ ଠିକ୍ ବୋଲି କହିବା ଉଚିତ ନୁହେଁ। ଆମେରିକାରେ ଗୋଟିଏ ଭାଷା ଓ ତିନୋଟି ଜାତି (ଗୋରା, କଳା ଓ ଲୋହିତ ଭାରତୀୟ)। ଭାରତରେ ଲିଖିତ ଓ କଥିତ ଭାଷା ମିଶିଲେ ୬୦୦, ଜାତି ହେଲେ ଅନେକ। ସମସ୍ତଙ୍କର ଆଶା, ଉଦ୍ଦୀପନା ଓ ଆବଶ୍ୟକତାକୁ ଚାହିଁ ସମ୍ବିଧାନରେ ବ୍ୟବସ୍ଥା କରିବାକୁ ପଡ଼ିଛି। ତା' ଛଡା ଇଂରେଜ ଓ ଦେଶୀୟ ରାଜ୍ୟଗୁଡ଼ିକର ଅତ୍ୟାଚାର, ଶୋଷଣ ଓ ଅନେକ ବିଦେଶୀ ରାଜ୍ୟରେ ଜାତି ଭିତ୍ତିରେ କରାଯାଉଥିବା ଅତ୍ୟାଚାର, ଜାତିସଂଘର ୧୯୪୮ ମାନବିକ ଅଧିକାର ଉପରେ କରାଯାଇଥିବା ଘୋଷଣା, ବାଲ୍ ଗଙ୍ଗାଧର ତିଲକଙ୍କ ଦ୍ୱାରା ଉଦ୍‌ବୁଦ୍ଧ ହୋଇ କରାଯାଇଥିବା ୧୮୯୩ ମସିହାର ଭବିଷ୍ୟତ ପାଇଁ ସ୍ୱତନ୍ତ୍ର ଆଇନ, ତେଜ ବାହାଦୁର ସାପ୍ରୁ ଓ ପରେ ମୋତିଲାଲ ନେହେରୁଙ୍କର ସ୍ୱତନ୍ତ୍ର ରିପୋର୍ଟ ଓ ଆମେରିକା, ଫ୍ରାନ୍ସ, ଇଂଲଣ୍ଡର ସମ୍ବିଧାନକୁ ଦୃଷ୍ଟିରେ ରଖି ସମ୍ବିଧାନର ମୌଳିକ ଅଧିକାର ଧାରା ୧୪ରୁ ୩୨ ରଖାଯାଇଛି, ଯାହାଦ୍ୱାରା ସର୍ବସାଧାରଣଙ୍କୁ ଓ ତାଙ୍କର ସମ୍ପତ୍ତି, ସ୍ୱାଧୀନତାକୁ ସୁରକ୍ଷା ଦିଆଯାଇପାରିଛି। ପୁଣି ରାଜ୍ୟ ଓ କେନ୍ଦ୍ର ମଧ୍ୟରେ କ୍ଷମତା ବଣ୍ଟାଯାଇଛି ଓ ବିବାଦ ହେଲେ ସୁପ୍ରିମ୍‌କୋର୍ଟ ତା'ର ସମାଧାନ କରିବେ ବୋଲି ବ୍ୟବସ୍ଥା ହୋଇଛି।

ସମ୍ବିଧାନର ସ୍ଥିତି ଆଲୋଚନା କଲାବେଳେ ରାଜ୍ୟ–କେନ୍ଦ୍ର ସମ୍ପର୍କର ତର୍ଜମା କରିବା ଅତ୍ୟାବଶ୍ୟକ। ପ୍ରଥମ ହେଲା– ଯେଉଁ ସମୟରେ ସମ୍ବିଧାନ ହେଲା, ସେତେବେଳେ ଦେଶ ବିଭାଜନଜନିତ କ୍ଷତ ହେଲା (କ୍ଷତ ଏ ପର୍ଯ୍ୟନ୍ତ ଶୁଖିନାହିଁ) ଓ ଯୁଦ୍ଧର ସମ୍ଭାବନା ଥିଲା। ଅନେକ ଦେଶୀୟ ରାଜ୍ୟ ଦେଶରେ ମିଶିବା ପାଇଁ କୁଣ୍ଠିତ ଥିଲେ। ୫୬୫ ଦେଶୀୟ ରାଜ୍ୟ ମଧ୍ୟରୁ ସର୍ଦ୍ଦାର ପଟେଲ ଆଲୋଚନା କରି (ଦରକାର ବେଳେ ଧମକ ଦେଇ) ୫୬୨ ରାଜ୍ୟକୁ ମନେଇ ପାରିଲେ। ତାହା ନ ହୋଇ ପାରିଥିଲେ ଦେଶ ଖଣ୍ଡ ଖଣ୍ଡ ହୋଇଯାଇଥାନ୍ତା। ବାକି ତିନୋଟି ଅବାଧ୍ୟ ରାଜ୍ୟ (ହାଇଦ୍ରାବାଦ, ଜୁନାଗଡ଼, କଶ୍ମୀର) ମଧ୍ୟରୁ ଦୁଇଟି ରାଜ୍ୟ (ହାଇଦ୍ରାବାଦ ଓ ଜୁନାଗଡ଼)କୁ ବଳ ପ୍ରୟୋଗ କରି ଭାରତରେ ମିଶାଇ ଦିଆଗଲା। ପରେ ସାମରିକ ହସ୍ତକ୍ଷେପ ଯୋଗୁ କଶ୍ମୀରର ଦୁଇ ତୃତୀୟାଂଶ ଭାରତରେ ମିଶିଲା। ତା' ଛଡା କେତେକ ରାଜ୍ୟ ଯଥା ମିଜୋରାମ, ନାଗାଲାଣ୍ଡ, ଅରୁଣାଚଳପ୍ରଦେଶ (ସେତେବେଳେ ନେଫା) ଅଧିବାସୀମାନେ ଚାହିଁଲେ ସ୍ୱାଧୀନତା। ପୁରୁଷୋତ୍ତମ ଦାସ ଟଣ୍ଡନ ଦାବି କଲେ ହିନ୍ଦୀକୁ ରାଷ୍ଟ୍ରଭାଷା କରାଯାଉ ଓ ଇଂଲିଶକୁ ହଟାଯାଉ। ଅଣହିନ୍ଦୀ ରାଜ୍ୟ ବିଶେଷତଃ ମାଡ୍ରାସ୍, ମହୀଶୂର ଇତ୍ୟାଦିରେ ପ୍ରବଳ ବିରୋଧ ହେଲା। ହିନ୍ଦୀ ସପକ୍ଷବାଦୀଙ୍କ ଯୁକ୍ତିଥିଲା ଯେ ଯଦି ନବଗଠିତ ରାଷ୍ଟ୍ର ଇସ୍ରାଏଲରେ ଶହ ଶହ ବର୍ଷ ମୃତବତ୍ ହୋଇ ରହିଥିବା ହିବ୍ରୁ ଭାଷାକୁ ରାଷ୍ଟ୍ର ଭାଷା ରୂପେ ଗ୍ରହଣ ହୋଇପାରିଲା, ହିନ୍ଦୀ କାହିଁକି ନ ହୋଇପାରିବ। ସେମାନେ ଭୁଲିଗଲେ ଯେ ହିନ୍ଦୀ ମାତ୍ର ୩୦୦ ବର୍ଷର ପୁରୁଣା ଭାଷା। ତାମିଲ ଭାଷା ୩୦୦୦ ବର୍ଷର ପୁରୁଣା। ଏଇଭଳି ନାନା ବିବାଦ ହେତୁ ଇଂଲିଶକୁ ରଖାଗଲା ଓ ତା' ସାଙ୍ଗରେ ହିନ୍ଦୀ ରହିଲା।

ସେ ସମୟରେ ଜଣେ ମୁସଲମାନ ସଦସ୍ୟ ପ୍ରସ୍ତାବ ଦେଲେ ସଂସ୍କୃତକୁ ରାଷ୍ଟ୍ରଭାଷା କରାଯାଉ, କିନ୍ତୁ ସେଥିପାଇଁ ସର୍ବସମ୍ମତି ମିଳିଲା ନାହିଁ। ଏଇସବୁ ବାଦବିବାଦ ପାଇଁ ଆବଶ୍ୟକ ପଡ଼ିଲା ଏକ ଦୃଢ଼ କେନ୍ଦ୍ର, ଯାହାକି ଅମାନିଆ ରାଜ୍ୟକୁ ମୂଳ ସ୍ରୋତକୁ ଆସିବାକୁ ବାଧ୍ୟ କରିବ। ଯଦି କୌଣସି ପ୍ରାଦେଶିକ ସରକାର ଏଭଳି କିଛି ଆଇନ କରିବ ଓ ବାରମ୍ବାର ପ୍ରଶାସନିକ ଅକ୍ଷମତା ସେ ପ୍ରଦେଶରେ ଦେଖାଯାଏ, ତେବେ କେନ୍ଦ୍ର ସରକାର ଧାରା ୨୪୯ ଅନୁସାରେ ସେ ପ୍ରଦେଶ ପାଇଁ ଆଇନ ମଧ୍ୟ ପ୍ରଣୟନ କରିପାରିବେ। ଜରୁରିକାଳୀନ ପରିସ୍ଥିତି ଉପୁଜିଲେ ଏକ ନିର୍ଦ୍ଦିଷ୍ଟ ପ୍ରଦେଶ କିମ୍ବା ଦେଶରେ ରାଷ୍ଟ୍ରପତି ଶାସନ ମଧ୍ୟ କରିପାରିବେ। ଜରୁରିକାଳୀନ ପରିସ୍ଥିତି ଜାରି କରି କାଳେ କ୍ଷମତାର ଅପବ୍ୟବହାର କରିବେ ସେଥିପାଇଁ ସୁପ୍ରିମକୋର୍ଟଙ୍କ କ୍ଷମତା ଅଛି ଯେ ରାଷ୍ଟ୍ରପତି ଶାସନ ଜାରି କରିବାର ଆବଶ୍ୟକତା ଅଛି କି ନାହିଁ ସେ ସମ୍ପର୍କରେ ରାୟ ଦେବାର। ଅଳ୍ପ କେତେ ବର୍ଷ ତଳେ ଯଥେଷ୍ଟ କାରଣ ନ ଥାଇ ଉତ୍ତରାଖଣ୍ଡରେ ରାଷ୍ଟ୍ରପତି ଶାସନ ଜାରି ହେଲା, କିନ୍ତୁ ସୁପ୍ରିମକୋର୍ଟ ତାକୁ ଖାରଜ କରିଦେଲେ।

ଭାରତ ସ୍ୱାଧୀନ ହେଲା ୧୯୪୭ ମସିହାରେ, କିନ୍ତୁ ଆମେ ସମ୍ବିଧାନ ଗଠନ କଲୁ ୧୯୫୦ରେ। ଅଥଚ ସେହିବର୍ଷ ସ୍ୱାଧୀନ ହୋଇ ପାକିସ୍ତାନର ସମ୍ବିଧାନ ହେଲା ୧୯୫୬ରେ। ସେହି ସମ୍ବିଧାନକୁ ବାରମ୍ବାର ବାତିଲ କରାଯାଇ ନୂଆ ସମ୍ବିଧାନ କରାଯାଉଛି। ବର୍ମା, ନେପାଳ, ବାଂଲାଦେଶରେ ସମ୍ବିଧାନ ବଦଳାଯାଉଛି। ଜର୍ମାନୀ ଓ ଫ୍ରାନ୍ସ, ରୁଷିଆରେ ମଧ୍ୟ ସେହି ଅବସ୍ଥା ହୋଇଛି। କିନ୍ତୁ ଆମେରିକା, ଇଂଲଣ୍ଡ, ଅଷ୍ଟ୍ରେଲିଆ, କାନାଡା, ଆୟର୍ଲାଣ୍ଡ ପରି ଆମ ସମ୍ବିଧାନ ଜୀବିତ ଅଛି। ଶହେରୁ ଅଧିକ ଥର ସଂଶୋଧିତ ହୋଇ ମଧ୍ୟ ଏହା ବିକୃତ ହୋଇନାହିଁ କିମ୍ବା ଦେଶ ପ୍ରତି କୌଣସି ସଙ୍କଟ ସୃଷ୍ଟି ହୋଇନାହିଁ।

ପୂର୍ବତନ ଡିଜି, ମୋ–୯୦୪୦୪୧୨୩୭୮

# ବାଳ ଅପରାଧ



ଅଲେଖ ଚନ୍ଦ୍ର ମିଶ୍ର

କିଛି ମାସ ତଳେ କେନ୍ଦ୍ରୀୟ ଦିଲ୍ଲୀର ଏକ ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଥିବା ଦୁଇଜଣ ଛାତ୍ର ଅଧ୍ୟକ୍ଷାଙ୍କ କୋଠରିରେ ପଶି ହଠାତ୍ ତାଙ୍କୁ ଛୁରିରେ ଆକ୍ରମଣ କଲେ। ମ୍ୟାଡାମଙ୍କ ଚିତ୍କାର ଶୁଣି ଅନ୍ୟମାନେ ଆସିଯିବାରୁ ପିଲା ଦୁହେଁ ଦୌଡି ପଳେଇଲେ। ସେହିପରି ବିହାରର ପାଟନାସ୍ଥିତ ମହାତ୍ମା ଗାନ୍ଧୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଜଣେ ପ୍ରଫେସରଙ୍କୁ ତାଙ୍କ ରୁମ୍‌ରୁ ବାହାରକୁ ଟାଣିଆଣି କିଛି ଛାତ୍ର ପେଟ୍ରୋଲ ଢାଳି ନିଆଁ ଲଗେଇ ଦେବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ତାଙ୍କୁ ରକ୍ଷା କରିଥିଲା। ଉତ୍ତରାଖଣ୍ଡର ଡେରାଡୁନ୍ ଜିଲା ଅନ୍ତର୍ଗତ ସାହସପୁରରେ ଏକ ଆବାସିକ ବିଦ୍ୟାଳୟରେ ପଢୁଥିବା ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ତାଙ୍କ ସହପାଠୀମାନେ ଗଣବଳାତ୍କାର କରି ଅନ୍ତଃସତ୍ତ୍ୱା କରିଦେଲେ। ହରିୟାଣାର ବହୁଚର୍ଚ୍ଚିତ ରେୱାଡ଼ି ଗଣବଳାତ୍କାର (ସିବିଏସ୍‌ଇ ଟପ୍ପର ଝିଅ) ଘଟଣାର ଠିକ୍ ପରେ ପରେ ଅନ୍ୟ ଜଣେ ସତର ବର୍ଷର ଝିଅକୁ ବଳାତ୍କାର କରାଯାଇଛି। ଗତ ସେପ୍ଟେମ୍ବର ୧୭ ତାରିଖରେ ଦିଲ୍ଲୀର ସାହଦାରାସ୍ଥିତ ସୀମାପୁରୀ ଅଞ୍ଚଳରେ ଗୋଟିଏ ସାତବର୍ଷର ଝିଅକୁ ତାଙ୍କ ପଡୋଶୀ ବଳାତ୍କାର କରିଛି। ସବୁଠାରୁ ଦୁଃଖର କଥା ହେଲା ବଳାତ୍କୃତାଙ୍କୁ ଅଧିକାଂଶ ସମୟରେ ନୃଶଂସ ଭାବରେ ହତ୍ୟା କରାଯାଉଛି। ଗଣମାଧ୍ୟମରେ ଏହା ଏକ ନିତିଦିନିଆ ଖବର। ଦିଲ୍ଲୀ ପୋଲିସର ରେକର୍ଡ ଅନୁସାରେ ଦିଲ୍ଲୀରେ ପ୍ରତିଦିନ ଅତି କମ୍‌ରେ ଦୁଇଜଣ ନାବାଳିକା ବଳାତ୍କାରର ଶିକାର ହେଉଛନ୍ତି।

କ୍ରାଏ ନାମକ ଏକ ଏନ୍‌ଜିଓର ରିପୋର୍ଟରୁ ଜଣାପଡ଼େ, ଭାରତରେ ପ୍ରତି ୧୫ ମିନିଟ୍‌ରେ ଜଣେ ନାବାଳିକା ଯୌନ ଉତ୍ପୀଡିତ ହେଉଛି। ଗତ ଦଶବର୍ଷ ଭିତରେ ମୋଟ ବଳାତ୍କାର ସଂଖ୍ୟା ପାଞ୍ଚଗୁଣ ବଢ଼ିଛି। ମୁମ୍ବାଇର ଫ୍ଲାଭିଆ ଆଗ୍ନିସ ଟ୍ରଷ୍ଟ ଦ୍ୱାରା ପରିଚାଳିତ ମଜ୍‌ଲିସ ନାମକ ସାମାଜିକ ସୁରକ୍ଷା କେନ୍ଦ୍ରର ତଥ୍ୟ ଅନୁଯାୟୀ ଆମ ଦେଶରେ ଘଟୁଥିବା ବଳାତ୍କାରରେ ନବେ ପ୍ରତିଶତ ୧୧–୧୮ ବର୍ଷ ବୟସ୍କାମାନେ ସଂଶ୍ଳିଷ୍ଟ। ସାରାଦେଶରେ ଏହିଭଳି ବଳାତ୍କାର (ବିଶେଷକରି ବାଳ ଅପରାଧ) ଏପରି କାୟା ବିସ୍ତାର କରିଚାଲିଛି ଯେ, ସେଥିରୁ ମୁକ୍ତି ପାଇବାର ଆଶା ଦିନକୁ ଦିନ କ୍ଷୀଣ ହୋଇଯାଉଛି। କୈଶୋରରେ ଅପରାଧପ୍ରବଣତା ଅଧୁନା ଏକ ବିରାଟ ସମସ୍ୟା ରୂପେ ଉଭା ହୋଇଛି। ଏହାକୁ ରୋକିବା ପାଇଁ ଅନେକ ଆଇନ ପ୍ରଣୀତ ହେଲାଣି। ତଥାପି ଏଭଳି ଘୃଣ୍ୟ ଅପରାଧ ବଢ଼ିଚାଲିଛି। ଏପରି ଘଟଣାପ୍ରବାହକୁ ଅନୁଧ୍ୟାନ କଲେ ମନରେ ସ୍ୱତଃ ପ୍ରଶ୍ନଉଠେ କ'ଣ ଏହାର କାରଣ ଏବଂ କିପରି ହେବ ତା'ର ନିରାକରଣ।

ପ୍ରଚଳିତ ବିଧି ଅନୁଯାୟୀ (ଜୁଭେନାଇଲ ଆକ୍ଟ) ଏହି ବୟସର ଅପରାଧୀମାନଙ୍କୁ ସୁଧାର ଗୃହରେ ରଖି ତାଙ୍କର ମନୋଭାବରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରାଯାଏ। କିନ୍ତୁ ଏହି ବ୍ୟବସ୍ଥା କେତେ ଫଳପ୍ରଦ ହୁଏ ତା'ର ହିସାବ କେହି ରଖେନା। ନିର୍ଭୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନେ ତ ଦଣ୍ଡ ପାଇଲେ। କିନ୍ତୁ ସେଥିରେ ଜଡିତ ଥିବା ସବୁଠାରୁ ଭୟଙ୍କର ଓ ନିର୍ମମ ଅପରାଧୀ ଖସିଗଲା। କାରଣ ସେ ସାବାଳକ ହେବାକୁ ମାତ୍ର କେଇ ମାସ ବାକିଥିଲା। ଯେଉଁ ପିଲାଟି ଏତେ କମ୍ ବୟସରେ ବି ଜଣେ ଅପରିଚିତା, ନିରୀହା ପ୍ରତି ଏଭଳି ନିଷ୍ଠୁର ହୋଇପାରେ ତା'ର ମାନସିକ ଦୁଃସ୍ଥିତି ଯେ ବଦଳିବ ଏହା କେବଳ ଦୁରାଶା ମାତ୍ର। ଜଣେ ସରଳ, ନିରୀହ କିଶୋର ମନରେ ହିଂସା ଓ ଅପରାଧପ୍ରବଣତା ଉଦ୍ରେକ ହୁଏ କାହିଁକି? ସେଥିପାଇଁ ବର୍ତ୍ତମାନର ପାରିପାର୍ଶ୍ୱିକ ଅବସ୍ଥା ହିଁ ଦାୟୀ। ସାଇବର ଗ୍ୟାଜେଟର ବହୁଳ ବ୍ୟବହାର ଏହାର ମୁଖ୍ୟ କାରଣ। ନେଟ୍‌ର ମାୟାରେ ବାୟା ହୋଇ ଏ ବୟସରେ ସାଧାରଣତଃ କୌତୂହଳୀ ଥିବା ପିଲାମାନେ ଭୁଲ ସାଇଟ ଖୋଲି ବ୍ଲୁ ହ୍ୱେଲ ବା ମୋମୋ ଭଳି ବିପଜ୍ଜନକ ଖେଳକୁ ଆପଣାଉଛନ୍ତି କିମ୍ବା ସେକ୍ସ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ପାଇଁ ଆକୃଷ୍ଟ ହେଉଛନ୍ତି। ଏକ ଅନୁଧ୍ୟାନ ଅନୁସାରେ ଟିଭି ଦେଖୁଥିବା ପିଲାମାନେ ଅଧିକ ହିଂସ୍ର ହୁଅନ୍ତି।

ଶିଶୁଟିଏ ତା'ର ମାତାପିତାଙ୍କ ଅପେକ୍ଷା ଜେଜେ, ଜେଜେମା ବା ଅଜା, ଆଈକୁ ବେଶି ଭଲ ପାଏ। ସେମାନଙ୍କର ଉପଦେଶକୁ ସମ୍ମାନ ଦିଏ। ଗଳ୍ପ ଛଳରେ ସେମାନେ ଯେଉଁ ନୈତିକତାର ଛାପ ପିଲାଙ୍କ ମନ ଭିତରେ ଛାଡି ଦିଅନ୍ତି ତାକୁ ଶିଶୁମାନେ ମନେ ରଖନ୍ତି। ଏବେ ତ ଅଣୁ ପରିବାର। ମାତାପିତା ଯେତେ କଠୋର ହେଲେ ବି ତାଙ୍କର ହୃଦୟ ନମନୀୟ। ପ୍ରତିଯୋଗିତାମୂଳକ ପରିସ୍ଥିତିର ଚାପରେ ପଡି ସେମାନେ ପିଲାଙ୍କୁ ଅତ୍ୟଧିକ ଅନୁଶାସନ କରନ୍ତି। ଦୁଇବର୍ଷ ନ ହେଉଣୁ ବସ୍ତାନିର ବୋଝ ତା' କାନ୍ଧରେ ଲଦିଦିଅନ୍ତି। ସ୍କୁଲରେ ଚାପ, ଘରେ ଚାପ– ଏତେ ଚାପ ଭିତରେ ପିଲାଟିର ମନସ୍ତତ୍ତ୍ୱ ଚାପି ହୋଇଯାଏ। ସେ ବଦରାଗୀ, ଚିଡ଼ିଚିଡ଼ା, ଏକଜିଦିଆ ଓ ବିଦ୍ରୋହୀ ହୋଇପଡ଼େ। ଠିକ୍ ଏହିଭଳି ସ୍ଥିତିର ଶିକାର ହୋଇ ୨୦୧୬ରେ ମୁମ୍ବାଇର ଏକ ପଦସ୍ଥ ପୋଲିସ ଅଧିକାରୀଙ୍କ ଚଉଦ ବର୍ଷର ପୁଅ ତା'ର ମା'କୁ ହତ୍ୟାକରି ପୋଲିସ ନିକଟରେ ପ୍ରକାଶ କରିଥିଲା ଯେ ତା'ର ସେଥିପାଇଁ ତିଳେ ବି ଦୁଃଖ ନାହିଁ। ଶିଶୁଙ୍କୁ ପଇସାର ମୋହ ଦେଖେଇବା ଏହାର ଅନ୍ୟ ଏକ କାରଣ। ମାତାପିତା ସ୍ୱଇଚ୍ଛାରେ ପିଲାଟିକୁ ଦେଉଥିବା ପକେଟ ମନି ଶେଷରେ ସେମାନଙ୍କର ଦାବିରେ ପରିଣତ ହୋଇଯାଏ, ଯାହାର ପରିମାଣ ବି ସେମାନେ ନିର୍ଦ୍ଧାରଣ କରନ୍ତି। ବେଳେ ବେଳେ ପିଲାମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାହାରେ ରହିଯାନ୍ତି, କାରଣ ବୟଫ୍ରେଣ୍ଡ, ଗର୍ଲଫ୍ରେଣ୍ଡର ସଂସ୍କୃତିରେ ଏଇଟା ଏକ ମାମୁଲି କଥା। ଆଗେ ପିଲାଙ୍କୁ ଗଢ଼ିବାରେ ଶିକ୍ଷକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଏବେ ତ ସେମାନଙ୍କ ଉପରେ ନାନା କଟକଣା।

ଏ ପରିପ୍ରେକ୍ଷୀରେ ମାତାପିତାଙ୍କୁ ଖଣ୍ଡାଧାରରେ ଚାଲିଲା ପରି ସାବଧାନ ହେବାକୁ ପଡ଼ିବ। ବର୍ତ୍ତମାନର ଅବହାୱାକୁ ତ ରୋକିହେବନି। ତେବେ କିଛିମାତ୍ରାରେ ସତର୍କତା ସୁଫଳ ଦେଇପାରେ। ପିଲାଙ୍କୁ କେତେ ସ୍ୱାଧୀନତା ଦେବେ, କେତେ ଚାପ ପ୍ରୟୋଗ କରିବେ, ତାଙ୍କର ଗତିବିଧି ଉପରେ କିପରି ନଜର ରଖିବେ, ସେମାନେ ଚଳପ୍ରଚଳ ହେଉଥିବା ସ୍ଥାନରେ କେମିତି ଦୃଷ୍ଟିଦେବେ ଏସବୁ ଭାବିଚିନ୍ତି କରିବା ଉଚିତ। ଧମକ ଚମକ ଦେଇ ପିଲାଙ୍କୁ ସୁଧାରିବା ଯୁଗ ଆଉ ନାହିଁ। ଅତଏବ ଆବଶ୍ୟକ ସ୍ଥଳେ ମୃଦୁ ଆକଟ ଏବଂ ଆବଶ୍ୟକ ସ୍ଥଳେ ବନ୍ଧୁ ଭଳି ବ୍ୟବହାର ଏହିଭଳି ଉଭୟ ପନ୍ଥା ଗ୍ରହଣୀୟ। ପିଲାଙ୍କର ମନସ୍ତତ୍ତ୍ୱ ବୁଝି ମାତାପିତା ତାକୁ ନିୟନ୍ତ୍ରଣ କରିବା ଉଚିତ। ଏ କ୍ଷେତ୍ରରେ ଆଶାର ଆଲୋକ ଭଳି କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥିରୀକୃତ ସାଇବର ଟ୍ରିଭିଆ (କୌତୂହଳୀ ପ୍ରଶ୍ନୋତ୍ତର ସମ୍ବଳିତ ୱେବ୍‌ସାଇଟ) କିଛି ସହାୟତା ଯୋଗେଇବ ବୋଲି ଆଶା।

ସାରଦାଶ୍ରୀ, ୯୦୪ ଶାସ୍ତ୍ରୀନଗର,
ଭୁବନେଶ୍ୱର, ମୋ–୯୪୩୮୬୭୩୮୯୮

## ଏଇ ଭାରତରେ

ଭାରତର ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ମନ୍ଦିର ରହିଛି। ମନ୍ଦିରରେ ବିଭିନ୍ନ ପରମ୍ପରା ମଧ୍ୟ ରହିଛି। ମନ୍ଦିରର ଦେବଦେବୀଙ୍କୁ ଭିନ୍ନ ଉପଚାରରେ ପୂଜା କରାଯାଏ। ହିନ୍ଦୁ ଧର୍ମାବଲମ୍ବୀ ଲୋକେ ଫଳମୂଳ ସମେତ ସୁସ୍ୱାଦୁ ଦ୍ରବ୍ୟ ଭୋଗ ଲଗାଇଥାଆନ୍ତି। କିନ୍ତୁ ତାମିଲନାଡୁରେ ଏପରି ଏକ ମନ୍ଦିର ରହିଛି ଯେଉଁଠାରେ ମଟନ୍ ବିରିୟାନୀ ଭୋଗ ଲଗାଯାଏ। ମଦୁରାଇ ଜିଲାର ତିରୁମଙ୍ଗଲମ୍ ସ୍ଥିତ ୱାଡକମ୍‌ପଟ୍ଟିଠାରେ ରହିଛି ମୁନିୟାନ୍ଦି ସ୍ୱାମୀଙ୍କ ମନ୍ଦିର। ଏଠାରେ ପ୍ରତିବର୍ଷ ଜାନୁୟାରୀ ୨୪ରୁ ୨୬ ପର୍ଯ୍ୟନ୍ତ ଏକ ଉତ୍ସବ ଅନୁଷ୍ଠିତ ହୁଏ। ଏହି ଉତ୍ସବରେ ଠାକୁରଙ୍କ ପାଖରେ ମଟନ୍ ବିରିୟାନୀ ଲାଗି ହୋଇଥାଏ। ୨ ହଜାରରୁ ଅଧିକ କିଲୋଗ୍ରାମ୍‌ର ବିରିୟାନୀ ଠାକୁରଙ୍କ ପାଖରେ ରନ୍ଧା ଯାଇଥାଏ। ଏଥିପାଇଁ ୫ଶହ ଛେଳିକୁ ବଳି ପକାଯାଏ। ଏହି ଉତ୍ସବରେ ଯୋଗଦେବା ପାଇଁ ଦେଶବିଦେଶରୁ ବହୁ ଶ୍ରଦ୍ଧାଳୁ ସମାଗମ ହୁଅନ୍ତି। ଠାକୁରଙ୍କ ପାଖରେ ବିରିୟାନୀ ଦେବାକୁ ମାନସିକ କଲେ ମନସ୍କାମନା ପୂରଣ ହୋଇଥାଏ ବୋଲି ଲୋକଙ୍କର ବିଶ୍ୱାସ ରହିଛି।

## ଚିରନ୍ତନୀ

ବିଦାୟ ଘେନଇ ଶିଶୁ ଜନନୀର କ୍ରୋଡ଼ୁଁ ହୋଇ ଛନ୍ନ
ଯାଏ ରଖି ଧରାପରେ ସୁକୋମଳ ତା'ର ପଦଚିହ୍ନ
ଅଗଣିତ ପଦଚିହ୍ନ ବକ୍ଷେ ଧରି ଯେ କରେ ବିହାର
ଜଡ଼ରୂପୀ ହେ ଧରିତ୍ରୀ ! ଘେନ ଏ ଜୀବର ନମସ୍କାର।
ସମୟର ସୀମା ବାନ୍ଧି, ଶତକୋଟି ଗ୍ରହ, ଉପଗ୍ରହ
ଖେଳାଉଛ କୋଟି ବିଶ୍ୱ ଲୋମକୂପେ ଯେହୁ ଅହରହ
ଉପହାସେ କର ଯେହୁ ମାନବର କ୍ଷୁଦ୍ର ଆବିଷ୍କାର
ଜଡ଼ରୂପୀ ହେ ଆକାଶ ! ଘେନାକର ମୋର ନମସ୍କାର।

(ଜଡ଼–ଦର୍ଶନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଜାନୁୟାରୀ ୧୯୯୪

- ବିଶ୍ୱ ବିଖ୍ୟାତ ପପ୍ ଗାୟକ ମାଇକେଲ ଜ୍ୟାକସନ୍‌ଙ୍କ ବିରୋଧରେ ଏକ ନାବାଳକର ଯୌନ ନିର୍ଯ୍ୟାତନା ଅଭିଯୋଗ।
- ସେନାବାହିନୀକୁ ଅଧିକ ପ୍ରୋତ୍ସାହନ ଦେବା ପାଇଁ କେନ୍ଦ୍ର ସରକାର ଆଜି ପୁନଃ ନିଯୁକ୍ତି ପାଇଥିବା ସୈନ୍ୟବାହିନୀ କର୍ମଚାରୀ ପେନ୍‌ସନଭୋଗୀଙ୍କ ସମେତ ୨ୟ ବିଶ୍ୱଯୁଦ୍ଧ ପ୍ରଚାରକ ଓ ଯୁଦ୍ଧ ସମୟର ଆହତ ହେଉଥିବା ସୈନ୍ୟମାନଙ୍କ ପାଇଁ ନୂତନ ପେନ୍‌ସନ ସୁବିଧା ଘୋଷଣା।

## sudoku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | | 9 | | 4 | | | | D | | | | | | |
| D | | | | | | 0 | 2 | | | B | | | 8 | |
| | | 8 | | 3 | | | | | | | | B | | 9 |
| B | | | | | D | | 7 | | | | 3 | | | |
| | | A | | C | 6 | 8 | 5 | | | E | | | 1 | 0 |
| | | B | 4 | E | | | | | | | 1 | 6 | | |
| | | | A | | 5 | | B | | | D | | | 0 | E |
| | | | | | 9 | 3 | 6 | | 4 | | | | 5 | 1 |
| 2 | | | | | | A | | | 5 | | 9 | D | B | |
| | 1 | 5 | | | | | | | | 3 | C | | 2 | |
| A | B | 4 | | | | 1 | | | | | 2 | | | |
| | | 1 | | | 2 | | | B | | 5 | | | | 6 |
| | | 6 | | | | | 3 | C | | | | | | 8 |
| | | 3 | 6 | | 7 | | D | | 1 | | 0 | | | |
| 9 | | | | | 3 | 4 | 0 | | 6 | | D | 7 | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 9 | 0 | 8 | 1 | 7 | 6 | 4 | E | B | C | A | 5 | 2 | 3 |
| 3 | E | 4 | 9 | 0 | D | 7 | A | B | 8 | 2 | 5 | 6 | 1 | C |
| A | 2 | 6 | 4 | C | 5 | 8 | 9 | 0 | 1 | 3 | 7 | B | D | E |
| 5 | B | C | 2 | E | A | 3 | D | 1 | 9 | 0 | 6 | 8 | 4 | 7 |
| 8 | 7 | 1 | 6 | 3 | B | 5 | C | 2 | E | 4 | D | 0 | A | 9 |
| E | 6 | 8 | 1 | 5 | 0 | 2 | 7 | 4 | D | B | 9 | 3 | C | A |
| 4 | 3 | 5 | A | 6 | 9 | 1 | 8 | D | C | E | 2 | 7 | B | 0 |
| 2 | 0 | D | 3 | 7 | C | E | B | 9 | 6 | A | 4 | 1 | 8 | 5 |
| 9 | A | 7 | E | B | 4 | 0 | 5 | C | 3 | 1 | 8 | 2 | 6 | D |
| 1 | C | B | D | 8 | 2 | A | 6 | 3 | 5 | 7 | 0 | E | 9 | 4 |
| 6 | D | E | 5 | 9 | 1 | C | 0 | A | 2 | 8 | 3 | 4 | 7 | B |
| 0 | 1 | 3 | C | A | E | 4 | 2 | 8 | 7 | 9 | B | D | 5 | 6 |
| 7 | 8 | 9 | 0 | 4 | 6 | B | E | 5 | A | D | 1 | C | 3 | 2 |
| C | 5 | A | B | 2 | 8 | D | 3 | 7 | 4 | 6 | E | 9 | 0 | 1 |
| B | 4 | 2 | 7 | D | 3 | 9 | 1 | 6 | 0 | 5 | C | A | E | 8 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ଦକ୍ଷିଣାଞ୍ଚଳ ସୀମାନ୍ତବାସୀ ଆନ୍ଧ୍ରମୁହାଁ

ମହାଶୟ,

ପଡୋଶୀ ଆନ୍ଧ୍ରପ୍ରଦେଶର ଶାସନ କ୍ଷମତାରେ ଥିବା ଆଞ୍ଚଳିକ ଦଳ ତେଲୁଗୁଦେଶମ୍ ପାର୍ଟି ଓଡ଼ିଶାରେ ଦଳର ସଂଗଠନ ବିସ୍ତାର କରିବାକୁ ଉଦ୍ୟମ ଆରମ୍ଭ କରିଛି। ମୁଖ୍ୟତଃ ଆନ୍ଧ୍ର ସୀମାନ୍ତରେ ଥିବା ଦକ୍ଷିଣାଞ୍ଚଳ ଜିଲାଗୁଡିକର ତେଲୁଗୁ ଭାଷାଭାଷୀ ବହୁଳ ଗଞ୍ଜାମ, ଗଜପତି ଓ ଅବିଭକ୍ତ କୋରାପୁଟ ଜିଲାର କେତେକ ବିଧାନସଭା ନିର୍ବାଚନମଣ୍ଡଳୀରେ ଆଗାମୀ ନିର୍ବାଚନରେ ପ୍ରାର୍ଥୀ ଦେବାକୁ ସ୍ଥିର କରୁଛି। ଏଥିରେ ତାଙ୍କୁ କଂଗ୍ରେସ ଓ ବିଜେଡିରୁ କୋଣଠେସା ହୋଇଥିବା କେତେକ ସକ୍ରିୟ ନେତା ସାହାଯ୍ୟ କରୁଛନ୍ତି। ଏତଦ୍‌ବ୍ୟତୀତ ଆନ୍ଧ୍ର ସୀମାନ୍ତରେ ଥିବା କେତେକ ଅନୁନ୍ନତ ଅଞ୍ଚଳର ଲୋକେ ଓଡ଼ିଶା ସରକାରଙ୍କଠାରୁ ଆବଶ୍ୟକ ମୁତାବକ ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିବାର ଅଭିଯୋଗ ହେଉଛି। ତେଣୁ ଆନ୍ଧ୍ର ସରକାର କୋରାପୁଟର କୋଟିଆ ବ୍ଲକରେ ଭତ୍ତା ବାଣ୍ଟିବା ସାଙ୍ଗକୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ମାଧ୍ୟମରେ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ଔଷଧପତ୍ର ଦେଇ ନିଜ ଆଡକୁ ଆକୃଷ୍ଟ କରୁଛନ୍ତି। ଓଡ଼ିଶା ସରକାର ଏଥିପ୍ରତି ଯତ୍ନବାନ ହେବାକୁ ଅନୁରୋଧ। ଅନ୍ୟଥା ଅନୁନ୍ନତ ଅଞ୍ଚଳର ଲୋକମାନେ ଆନ୍ଧ୍ର ଆଡକୁ ମୁହାଁଇବାକୁ ଏଡେଇ ଦେଇହେବ ନାହିଁ।

ଭଗବାନ ଦାଶ, ହରି ନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ଏପିଏଲ କାର୍ଡ ମିଳୁ

ପୂର୍ବରୁ ଯେପରି ଏପିଏଲ୍ ଶ୍ରେଣୀର ଲୋକଙ୍କୁ ଉଦ୍ଦିଷ୍ଟ ମୂଲ୍ୟରେ ଗହମ ଓ କିରୋସିନ ଯୋଗାଇ ଦିଆଯାଉଥିଲା, ବର୍ତ୍ତମାନ ଯୋଗାଇ ଦିଆଯାଉ ନାହିଁ। ଖୋଲାବଜାରରେ କିରୋସିନ ବିକ୍ରିର ବ୍ୟବସ୍ଥା ନ ଥିବାରୁ ଏମାନେ ଟୋପେ କିରୋସିନ ପାଉନାହାନ୍ତି। ଅପରପକ୍ଷରେ ଏପିଏଲ ଲୋକମାନେ ବାଧ୍ୟହୋଇ ରାଶନ କାର୍ଡଧାରୀଙ୍କଠାରୁ ୧ ଟଙ୍କିଆ ଗହମକୁ ୧୫ରୁ ୨୦ ଟଙ୍କାରେ ଓ କିରୋସିନ ଲିଟରକୁ ୪୦ରୁ ୬୦ ଟଙ୍କା ଦେଇ କିଣୁଛନ୍ତି। ସରକାର ସର୍ଭେ ମାଧ୍ୟମରେ ଏପିଏଲ ବର୍ଗଙ୍କୁ ଚିହ୍ନଟ କରି ଏପିଏଲ କାର୍ଡ ଯୋଗାଇବା ପୂର୍ବକ ଡିଲରମାନଙ୍କ ଜରିଆରେ ଗହମ ଓ କିରୋସିନ ଯୋଗାଇଦେଲେ ରାଜ୍ୟର ଏପିଏଲ ବର୍ଗ ଉପକୃତ ହୋଇପାରିବେ।

ରମେଶ ଦତ୍ତ, କଲ୍ୟାଣୀନଗରୀ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି
## ୩୧ ଯାଏ ଆନ୍ଦୋଳନ ଜାରି

**ଜୟପୁର,୨୫ା୧(ନି.ପ୍ର.):** ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବିରେ ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଆସନ୍ତା ୩୧ ପର୍ଯ୍ୟନ୍ତ ଜାରି ରହିବ ବୋଲି ନିଷ୍ପତ୍ତି ହୋଇଛି । ସେହିଦିନ ପୁଣି ବୈଠକ ଡକାଯାଇ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି ସଂଘ ସଭାପତି ବିରେଶ୍ ପଟ୍ଟନାୟକ ସୂଚନା ଦେଇଛନ୍ତି। ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ଜୟପୁରର ୧୫ରୁ ଅଧିକ କୋର୍ଟକାର୍ଯ୍ୟ ବନ୍ଦ ରହିଛି। ରାଜ୍ୟ ସରକାର ପଛୁଆ, ମାଓପ୍ରବଣ, ଗମନାଗମନ କ୍ଷେତ୍ରରେ ଅବହେଳିତ ଏବଂ ସାକ୍ଷରତା ଦୃଷ୍ଟିରୁ ପଛରେ ଥିବା ଜୟପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଅନ୍ତୁ ବୋଲି ସଂଘ ଦାବି କରିଛି।

## ଛାତ୍ରୀଛାତ୍ରଙ୍କ ସହ ପ୍ରଶାସନର ଆଲୋଚନା

**ପଟ୍ଟାଙ୍ଗି,୨୫ା୧(ଡି.ଏନ୍.ଏ.):** ପଟ୍ଟାଙ୍ଗି ବ୍ଲକ୍ ସଦର ମହକୁମାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ଲବଙ୍ଗଲତା ବାରିକଙ୍କ ଅଧ୍ୟକ୍ଷତାରେ ବର୍ତ୍ତମାନ ପରିସ୍ଥିତିରେ ଶିକ୍ଷା ବ୍ୟବସ୍ଥାକୁ ନେଇ ସଚେତନତା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗଦ୍‌ଜ୍ୟାତି ପାଙ୍ଗି, ବିଡିଓ କରୁଣାକର ପ୍ରଧାନ, ଅତିରିକ୍ତ ବିଡିଓ ପଦ୍ମନାଭ ତ୍ରିପାଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନୃସିଂହନାଥ ବେହେରା ପ୍ରମୁଖ ଯୋଗଦେଇ ଉପସ୍ଥିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟରେ ରହିଥିବା ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପିଲାମାନେ କିପରି ନିୟମିତ ବିଦ୍ୟାଳୟ ଆସିବେ ସେନେଇ ବୈଠକରେ ଆଲୋଚନା ହୋଇଛି। ପୂର୍ବତନ ଏକ୍ସବୋର୍ଡ଼ ବିଦ୍ୟାଳୟ ଶିକ୍ଷକ ଭଗବାନ ଶିଶା, ଉଚ୍ଚ ବିଦ୍ୟାଳୟ ଶିକ୍ଷକ ହେମନ୍ତ ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ପଣ୍ଡା, କମ୍ପ୍ୟୁଟର ଶିକ୍ଷୟିତ୍ରୀ ଜି. ନିର୍ମଳା, ଶୁଭଶ୍ରୀ ପାଣିଗ୍ରାହୀ, ଖେଳ ଶିକ୍ଷୟିତ୍ରୀ କଳ୍ପଲତା ବରାଡ଼ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ପିଲାଙ୍କୁ ପୋଷାକ ବଣ୍ଟନ କରାଯାଇଛି।

### ମାଓବାଦୀଙ୍କ ପ୍ରତିବାଦ ସପ୍ତାହ ପାଳନ
## ୧୪ଟି ରୁଟ୍‌ରେ ସରକାରୀ ବସ ଚଳାଚଳ ବନ୍ଦ

**ଜୟପୁର,୨୫ା୧(ଡି.ଏନ.ଏ):** ମାଓବାଦୀଙ୍କ ପ୍ରତିବାଦ ସପ୍ତାହ ପାଳନ ଯୋଗୁ କୋରାପୁଟ ଜିଲା ଜୟପୁର ରାଜ୍ୟ ସଡ଼କ ପରିବହନ ନିଗମ ବସ୍ ଡିପୋରୁ ୧୪ଟି ରୁଟ୍‌ରେ ଜିଲା ତଥା ରାଜ୍ୟ ବାହାରକୁ ଯାଉଥିବା ସରକାରୀ ବସ୍ ଚଳାଚଳକୁ ବନ୍ଦ ରଖାଯାଇଛି। ମାଓବାଦୀଙ୍କ ପ୍ରତିବାଦ ସପ୍ତାହ ଏବଂ ଶହୀଦ୍ ଦିବସ ପାଳନ ସମୟରେ ସରକାରୀ ବସଗୁଡିକକୁ ଟାର୍ଗେଟ୍ କରାଯାଉଥିବାରୁ ମାଓବାଦୀ ପ୍ରଭାବିତ ଅଞ୍ଚଳ ଦେଇ ଯାତାୟାତ କରୁଥିବା ସରକାରୀ ବସ ସେବାକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଆସନ୍ତା ୧ ତାରିଖରୁ ପୂର୍ବଭଳି ଉପରୋକ୍ତ ରୁଟ୍‌ରେ ବସ ଚଳାଚଳ କରିବ ବୋଲି ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ସୂଚନା ଦିଆଯାଇଛି । ମାଓବାଦୀଙ୍କ ପ୍ରତିବାଦ ସପ୍ତାହ ପାଳନରେ ଜୟପୁରଠାରୁ ଭଦ୍ରାଚଳମ, ମୋଟୁ, ଗୁପ୍ତେଶ୍ୱର, କାଶିପୁର, କଟାଗାଁ, ଆରକୁ, କୋଟିଆ, ପାରାଳାଖେମୁଣ୍ଡି, ଗୁଣପୁର, ଫୁଲବାଣୀ, ମୋଟୁ-ଭବାନୀପାଟଣା, ଇନ୍ଦ୍ରାବତୀ-ଚିତ୍ରକୋଣ୍ଡା ବସ ଚଳାଚଳ ବନ୍ଦ ରହିବ। କିନ୍ତୁ ଘରୋଇ ବସ ଚଳାଚଳ ପୂର୍ବଭଳି ସମସ୍ତ ଅଞ୍ଚଳକୁ ଯାତାୟାତ କରିବ ବୋଲି ମାଲିକ ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

■ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

# ୩ ପ୍ରବେଶ ପଥ ସିଲ୍, ଅଭିବାଦନ ଗ୍ରହଣ କରିବେ କ୍ରୀଡ଼ାମନ୍ତ୍ରୀ

**କୋରାପୁଟ,୨୫ା୧(ସ୍ୱ.ପ୍ର.)**

କୋରାପୁଟ ପୋଲିସ ପଡ଼ିଆରେ ଶନିବାର ସକାଳେ ହେବାକୁ ଥିବା ଜିଲାସ୍ତରୀୟ ସାଧାରଣତନ୍ତ୍ର ଉତ୍ସବ ମହାସମାରୋହରେ ପାଳନ କରିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାବେଳେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ମାଓବାଦୀ ସଙ୍ଗଠନଗୁଡ଼ିକ ଉକ୍ତ ଦିବସକୁ କଳାଦିବସଭାବେ ପାଳନ କରିବାକୁ ବିଭିନ୍ନ ପୋଷ୍ଟର ଓ ବ୍ୟାନର ଜରିଆରେ ଆହ୍ୱାନ ଦେଇଛନ୍ତି। ଏହାକୁ ନଜରରେ ରଖି ଜିଲା ପୋଲିସ ସହରର ୩ଟି ପ୍ରବେଶ ପଥରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରିଛି।

ଶନିବାର ପୋଲିସ ପଡ଼ିଆରେ ଆୟୋଜିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ସକାଳ ୮ଟା ୩୦ ମିନିଟରେ ଜାତୀୟ ପତାକା ଉତ୍ତୋଳନ କରିବେ। ପରେ ୩୫ଟି ଦଳ ଦ୍ୱାରା ଆୟୋଜିତ ପରେଡ଼ରେ ଅଭିବାଦନ ଗ୍ରହଣ କରିବେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ଏବଂ ଅନୁଷ୍ଠାନର ପ୍ରତିନିଧିଙ୍କୁ ପୁରସ୍କୃତ କରିବେ। ସୁରକ୍ଷା ବ୍ୟବସ୍ଥା ପାଇଁ କୋରାପୁଟ ଜିଲା ଏସ୍‌ପି କନୱର ବିଶାଳ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଇ ଜଣ ଡିଏସ୍‌ପି, ୬ ଜଣ ଇନ୍ସପେକ୍ଟର, ୨୩ ଜଣ ସବଇନ୍ସପେକ୍ଟର, ୧ ପ୍ଲାଟୁନ ଏସ୍‌ଓଜି ଯବାନ, ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ସେହିପରି ଜିଲାର ମାଓବାଦୀ ଅଧ୍ୟୁଷିତ ନାରାୟଣପାଟଣା, ବନ୍ଧୁଗାଁ, ଲକ୍ଷ୍ମୀପୁର, ବୈପାରୀଗୁଡ଼ା, ପଟ୍ଟାଙ୍ଗି, ଲମତାପୁଟ, ନନ୍ଦପୁର ଅଞ୍ଚଳରେ ମୁତୟନ ଥିବା ବିଏସ୍‌ଏଫ ଓ ଏସ୍‌ଓଜି ଯବାନଙ୍କ କମ୍ବିଂ ଅପରେଶନ ଜୋରଦାର କରାଯିବା ସହ ସଂପୃକ୍ତ ଅଞ୍ଚଳରେ ଥିବା ଥାନାଗୁଡ଼ିକର ସୁରକ୍ଷା ବଢ଼ାଇ ଦିଆଯାଇଛି।

■ ଜାତୀୟ ମତଦାତା ଦିବସ

# ‘ବିକଶିତ ରାଷ୍ଟ୍ର ଗଠନ ପାଇଁ ସମସ୍ତ ନାଗରିକ ମତଦାନ କରନ୍ତୁ’

**କୋରାପୁଟ,୨୫ା୧(ସ୍ୱ.ପ୍ର)**

କୋରାପୁଟସ୍ଥିତ ସାଂସ୍କୃତିକ ଭବନରେ ଶୁକ୍ରବାର ଜାତୀୟ ମତଦାତା ଦିବସ ପାଳିତ ହୋଇଛି। କୋରାପୁଟ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ବିକଶିତ ରାଷ୍ଟ୍ର ଗଠନ ନିମନ୍ତେ ସମସ୍ତ ନାଗରିକ ମତଦାନ କରିବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି। କାର୍ଯ୍ୟାଳୟ ସମ୍ମୁଖରୁ ବାହାରିଥିବା ଶୋଭାଯାତ୍ରାକୁ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କୋରାପୁଟ ସହରର ବିଭିନ୍ନ ସ୍କୁଲ ଓ କଲେଜର ଶତାଧିକ ଛାତ୍ରୀଛାତ୍ର ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କୋରାପୁଟ ଉପଜିଲାପାଳ ଲଳିତ କୁମାର କହଁର,




ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଜଣେ ନୂତନ ଭୋଟରଙ୍କୁ ପରିଚୟପତ୍ର ପ୍ରଦାନ କରୁଛନ୍ତି ।

ସହକାରୀ ଜିଲାପାଳ ଆଲୋକ କୁମାର ଅନୁଗୁଳିଆ,ଜିଲାର ସ୍ୱତନ୍ତ୍ର ନିର୍ବାଚନ ଅଧିକାରୀ ସବ୍ୟସାଚୀ ବେହେରା, ପ୍ରଭାତୀ ମହାରଣା, ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ନୂତନ ଭୋଟରମାନଙ୍କୁ ଜିଲାପାଳ ପରିଚୟପତ୍ର ପ୍ରଦାନ କରିଥିଲେ । ସେହିପରି ଜିଲା ଶ୍ରେଷ୍ଠ ବିଏଲ୍‌ଓ ଏବଂ ଅନୁଷ୍ଠିତ କୁଇଜ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମକୁ ଅଧ୍ୟାପକ ରବି ଶତପଥୀ ପରିଚାଳନା କରିଥିବାବେଳେ ଅଧ୍ୟାପକ କିଶୋର ବେହେରା ସହାୟତା କରିଥିଲେ।

## ଭୈରବ କନିଷ୍ଠ କଲେଜରେ ଜାତୀୟ ମତଦାତା ଦିବସ

**ବୋରିଗୁମ୍ମା,୨୫ା୧(ଡି.ଏନ୍.ଏ.)**

ବୋରିଗୁମ୍ମାସ୍ଥିତ ଭୈରବ କନିଷ୍ଠ ମହାବିଦ୍ୟାଳୟରେ ଜାତୀୟ ମତଦାତା ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଦାଶରଥି ଗୌଡ଼ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ସୁଧାଂଶୁ ପଟ୍ଟନାୟକ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଡି.ଏଲ୍.ସି. କୋରାପୁଟ ରବି ନାରାୟଣ ସୂତାର ନିଜ ବକ୍ତବ୍ୟରେ କହିଥିଲେ ଯେ , ଭାରତୀୟ ଗଣତନ୍ତ୍ରରେ ଭୋଟରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସମ୍ମାନିତ ଅତିଥି ରୂପେ ବ୍ଲକ ଏବିଡିଓ ଗୋକୁଳାନନ୍ଦ ଭଞ୍ଜ ଯୋଗ




ମତଦାତା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଦେଇଥିବା ବେଳେ ଅନ୍ୟତମ ସମ୍ମାନିତ ଅତିଥିଭାବେ ସୁନାବେଡ଼ା ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ପବିତ୍ର ବେଦାନ୍ତ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ପ୍ରଦୀପ ସ୍ୱାଇଁ, ଅଶୋକ ପଣ୍ଡା, ପଦ୍ମଭୂଷଣ ଦାସ, ଅଧ୍ୟାପିକା ସୁନିତି ପୃଷ୍ଟି ଓ ନିହାରୀକା ପଣ୍ଡା ଯୋଗ ଦେଇଥିଲେ।

## ନିରପେକ୍ଷ ମତଦାନ କରିବାକୁ ଶପଥ

**ଦମନଯୋଡି,୨୫ା୧(ସ୍ୱ.ପ୍ର.)**

କୋରାପୁଟ ବ୍ଲକ ମାଥାଲପୁଟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଲକ୍ଷ୍ମଣ ମାଝିଙ୍କ ସଭାପତିତ୍ୱରେ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି । ନିରପେକ୍ଷ ମତଦାନ ପାଇଁ ମାଥାଲପୁଟ ବିଏଲ୍‌ଓ କେ. ନୀଳମାଧବ ପାତ୍ର ଭୋଟରମାନଙ୍କୁ ସଚେତନତା କରାଇଥିଲେ। ଏହି ଅବସରରେ ଦାମନଯୋଡି ମିଡିଆ ହାଉସ୍ ସାଧାରଣ ସମ୍ପାଦକ ମାନସ ରଞ୍ଜନ କର ଉପସ୍ଥିତ ଭୋଟରମାନଙ୍କୁ ଶପଥ ପାଠ କରାଇଥିଲେ । ଏଥିରେ ନୃସିଂହଚରଣ ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୱାର୍ଡମେମ୍ବର ଚନ୍ଦ୍ରକଳା ସୁନାନୀ, ଗୌର ପ୍ରଧାନ, ରାଜୁ ରାନ୍ଧି, ଚନ୍ଦନ ପଣ୍ଡା, ରୀନା ପାତ୍ର, ଝୁମୁରୀ ଡାକୁଆ, ରଶ୍ମିତା ସେଠୀ, ମାମି ପଣ୍ଡା, ସୁନୀତା ପାଠକ୍, ବବି ମହାରଣା, ସାଇବାଣୀ ବେହେରା, ରୂପା ଖରା, ଝିଲି ସେଠୀ, ଡାଳିମ୍ବ ବିଷୋୟୀ, ସବିତା ସେଠୀ ପ୍ରମୁଖ ମହିଳା ଭୋଟରଙ୍କ ସମେତ ଶତାଧିକ ଭୋଟର ଉପସ୍ଥିତ ଥିଲେ ।



ନିରପେକ୍ଷ ମତଦାନ କରିବାକୁ ମହିଳାମାନେ ଶପଥ ନେଉଛନ୍ତି ।

### ନାଳପାଣି ମାଡ଼ିବାକୁ ନେଇ କୋଦାଳରେ ଆକ୍ରମଣ
## ଜଣେ ଗୁରୁତର, ଦୁଇ କୋର୍ଟଚାଲାଣ

**କୋରାପୁଟ,୨୫ା୧(ସ୍ୱ.ପ୍ର.)**

କୋରାପୁଟ ସହରରେ ନାଳପାଣି ମାଡ଼ିବାକୁ ନେଇ ପଡ଼ୋଶୀଙ୍କ ମଧ୍ୟରେ ମାରପିଟ ହୋଇଛି। ପାଟିତୁଣ୍ଡ ସମୟରେ ଦୁଇଜଣ ବ୍ୟକ୍ତି ମିଶି କୋଦାଳରେ ପଡ଼ୋଶୀଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ହୋଇ ସ୍ଥାନୀୟ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଉକ୍ତ ଘଟଣାରେ ଟାଉନ୍ ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। କୋରାପୁଟ ସହରର ପିଏଚ୍‌ଡି କଲୋନିରେ ରହୁଥିବା ସଂଗ୍ରାମ ପ୍ରଧାନ ଓ ଦେବେନ୍ଦ୍ର ବେହେରାଙ୍କ ମଧ୍ୟରେ ନାଳପାଣି ମାଡ଼ିବାକୁ ନେଇ ପୂର୍ବରୁ ବହୁ ସମୟରେ ପାଟିତୁଣ୍ଡ ଲାଗି ରହୁଥିବାବେଳେ ଗୁରୁବାର ବିଳମ୍ବିତ ରାତିରେ ପୁଣି ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗିଥିଲା। ଏଥିରେ ଉତ୍ୟକ୍ତ ହୋଇ ଦେବେନ୍ଦ୍ର ବେହେରା ଏବଂ ହରପ୍ରସାଦ ମହାପାତ୍ର ଦୁହେଁ ମିଶି କୋଦାଳରେ ସଂଗ୍ରାମଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ସଂଗ୍ରାମ ଗୁରୁତର ହୋଇ ମୂର୍ଚ୍ଛା ହୋଇଯାଇଥିଲେ। ଘଟଣାକୁ ନେଇ ସଂଗ୍ରାମଙ୍କ ସ୍ତ୍ରୀ ଶୁକ୍ରବାର ସକାଳେ କୋରାପୁଟ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦେବେନ୍ଦ୍ର ଓ ହରପ୍ରସାଦଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ଏନେଇ ୧୬/୧୯ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ତଦନ୍ତକାରୀ ଅଧିକାରୀ ପି.କେ ରାଉଳ ସୂଚନା ଦେଇଛନ୍ତି।

## ଦାମନଯୋଡ଼ି ମିଡିଆ ହାଉସର ବନ୍ଧୁମିଳନ

**ଦାମନଯୋଡି, ୨୫ା୧(ସ୍ୱ.ପ୍ର.)**

ଦାମନଯୋଡି ମିଡିଆହାଉସ୍ ପକ୍ଷରୁ ୨୦୧୯ ନବବର୍ଷ ପାଇଁ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ନାଲ୍‌କୋ ଟାଉନ୍‌ସିପ୍‌ସ୍ଥିତ ସାବରୀ ଲେକ୍ ପରିସରରେ ଅନୁଷ୍ଠିତ ହୋଇଛି । ନିରପେକ୍ଷ ସମ୍ବାଦ ପରିବେଷଣ ଉପରେ କାର୍ଯ୍ୟରତ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମିଡିଆ ହାଉସ୍ ଉପଦେଷ୍ଟା ପୀତାମ୍ବର ସାହୁ କହିଛନ୍ତି। ଏହି ବନ୍ଧୁ ମିଳନ ଉତ୍ସବରେ ଦାମନଯୋଡି ମିଡିଆ ହାଉସ୍‌ର ସଭାପତି ନରସିଂହ ବ୍ରହ୍ମା, ସାଧାରଣ ସମ୍ପାଦକ ମାନସ ରଞ୍ଜନ କର, ଉପସଭାପତି ଅରୁଣ ଓଝା, କାର୍ଯ୍ୟକ୍ରମ ପରିଚାଳନା ସମ୍ପାଦକ ଚୈତନ୍ୟ ହନ୍ତାଳ, କାର୍ଯ୍ୟକାରୀ ସଭାପତି ଜଳେନ୍ଦ୍ର ତ୍ରିପାଠୀ, ସଦସ୍ୟ ଅଜୟ ଜେନା, ନିକୁଞ୍ଜ ସାମଲ, ରବୀନ୍ଦ୍ର ବିଶ୍ୱାଳ, ବିଜୟ କୁମାର ଆଚାର୍ଯ୍ୟ, ସୁଦର୍ଶନ ସେନାପତି, ରବୀନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଲୋ ମୁକୁତି,**
**ବାର ବରଷରେ ହବୁ ପୋଖତି ।**

ବାହାଘରର ୨-୩ବର୍ଷ ଭିତରେ ପିଲାପିଲି ନ ହେଲେ ଅନେକେ ଖରାପ ଭାବନ୍ତି। ବନ୍ଧ୍ୟା ସ୍ତ୍ରୀକୁ ଦେଖିଲେ ଅଶୁଭ ବୋଲି ଭାବନ୍ତି। ଆଡ଼ ଆଖିରେ ବି ଅନାନ୍ତି ନାହିଁ। କଥାରେ କଥାରେ ଆଜିଯାଏ ତ ପିଲାପିଲିର ମା’ ହେଲୁନି ଆଉ କେବେ ହବୁ, ପୁଅ ବୁଢ଼ୀ ହୋଇଗଲେ କି ବୋଲି ଟାହିଟାପରା କରିଥାନ୍ତି। ବନ୍ଧ୍ୟା ରହିବା ଏକ ସାମାଜିକ କଳଙ୍କ ବୋଲି ଧରାଯାଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆରେ ରସିକ,**
**କଖାରୁ ଫୁଲକୁ ପାରୁଡ଼ା ପୋକ ।**

କଖାରୁ ଫୁଲ ହଳଦିଆ । ତା’ର ବାସନା ନାହିଁ। ଏହି ଫୁଲକୁ କେହି ଫୁଲ ବୋଲି ଗଣତି କରନ୍ତି ନାହିଁ। ପାରୁଡ଼ା ପୋକ ଅସୁନ୍ଦର ଦୁର୍ଗନ୍ଧଯୁକ୍ତ। ହାତରେ ମଳି ହୋଇଗଲେ ହାତ ଗନ୍ଧାଏ । ସେ କଖାରୁ ଫୁଲରେ ବସି ରସ ସଂଗ୍ରହ କରେ। ପରୋକ୍ଷରେ ଅପରଷ୍କାର ତଥା ଯାହାକୁ କେହି ଅନେଇ ନ ଥାନ୍ତି, ତା’ ପଛରେ ଧାଇଁ ରସିକପଣିଆ ଦେଖେଇ ହେଉଥିବା ବ୍ୟକ୍ତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଭୋଟର ଦିବସ ପାଳିତ

**ମାଲକାନଗିରି,୨୫ା୧ (ଡି.ଏନ.ଏ.)**

ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ଏନେଇ ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା। ବିଧାୟକ ମାନସ ମାଡକାମି, ବିଡିଓ ଗୁଣନିଧି ନାୟକ, ପିଡି ଲିଙ୍ଗରାଜ ପଣ୍ଡା, ଉପଜିଲାପାଳ ରାମେଶ୍ୱର ପ୍ରଧାନ ପ୍ରମୁଖ ଏହି ରାଲିରେ ଯୋଗଦେଇ ଗଣତନ୍ତ୍ର ଶାସନ ପାଇଁ ଭୋଟରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯେପରି ସମସ୍ତେ ନିର୍ବାଚନ ସମୟରେ ଭୋଟ ଦେଇ ନିଜର ଗଣତାନ୍ତ୍ରିକ ଅଧିକାରକୁ ସାବ୍ୟସ୍ତ କରିବେ, ସେନେଇ ସଚେତନତାର ଆବଶ୍ୟକତା ରହିଥିବା ମତ ପ୍ରକାଶ ପାଇଥିଲା। ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର, ସାମାଜିକ ସଙ୍ଗଠନ, ସ୍ୱେଚ୍ଛାସେବୀ ସଂସ୍ଥାଙ୍କ ସମେତ ବିଭିନ୍ନ ବର୍ଗର ବ୍ୟକ୍ତିମାନେ ଏହି ଭୋଟର ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସଂସ୍କୃତିଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର, ପଦାଧିକାରୀ, ଜନ ପ୍ରତିନିଧିମାନେ ଶତ ପ୍ରତିଶତ ଭୋଟଦାନ କରି ଗଣତନ୍ତ୍ରକୁ ସୁଦୃଢ଼ କରିବାକୁ ଶପଥ ନେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ସୀମା ସୁରକ୍ଷା ବାହିନୀର ଜନସମ୍ପର୍କ ଶିବିର

**ମାଲକାନଗିରି,୨୫ା୧(ଡି.ଏନ.ଏ.)**

ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ସାଲ୍‌ମିଠାରେ ସୀମା ସୁରକ୍ଷା ବାହିନୀ ୧୬୦ ବାଟାଲିୟନ ପକ୍ଷରୁ ଶୁକ୍ରବାର ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସାଲିମ୍ ସହ ଆଖପାଖ ଗ୍ରାମର ଲୋକେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା। ରୋଷେଇ ସାମଗ୍ରୀ ଥାଳି, ଗ୍ଲାସ, ପ୍ଲେଟ, କଡେଇ , ପ୍ଲାଷ୍ଟିକ୍ ବାଲ୍‌ଟି, ମଗ୍ , କମ୍ବଳ, ଟି ଶାର୍ଟ, ଶାଢ଼ି, ଲୁଙ୍ଗି, ମଶାରି, ବେଡ଼୍‌ସିଟ୍, ଛତା ଆଦି ବଣ୍ଟନ କରାଯାଇଥିଲା। ଟେମୁରୁପାଲି ସରପଞ୍ଚ ଡମୁଣି ମାଝି, ମହୁପଦର ସରପଞ୍ଚ ଶିବଶଙ୍କର ଦୁରୁଆ, କୁମାରପାଲି ସରପଞ୍ଚ ବସନ୍ତ ମାଢ଼ି, ମାଥିଲି ଜିଲା ପରିଷଦ ସଭ୍ୟ କୁଷ ତାଡି, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତ୍ରିଲୋକ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସୀମା ସୁରକ୍ଷା ବାହିନୀର ଆସିଷ୍ଟାଣ୍ଟ କମାଣ୍ଡର ମନିଷ କୁମାର ଗୁପ୍ତା, ଇନ୍ସପେକ୍ଟର ଅନୁପ୍ ପାଣ୍ଡେ, ଦିପକ୍ କୁମାର, ହେଡ୍ କନଷ୍ଟେବଳ ଜି.ବି. ଦଶରଥ ପ୍ରମୁଖ ଉପସ୍ଥିତ ଥିଲେ ।

## ୧୯ ବର୍ଷ ଫେରାର ଥିବା ଅଭିଯୁକ୍ତ ଗିରଫ

**ମାଥିଲି, ୨୫ା୧ (ସ୍ୱ.ପ୍ର/ ଡି.ଏନ.ଏ.)**

ଏକ ବଳାତ୍କାର ମାମଲାରେ ସମ୍ପୃକ୍ତ ଥାଇ ଦୀର୍ଘ ୧୯ ବର୍ଷ ହେଲା ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ ସୋରିଷପଦର ଗ୍ରାମରୁ ପୋଲିସ ଗିରଫ କରିଛି। ପାପଡାହାଣ୍ଡି ପୋଲିସ ସହ ମାଥିଲି ପୋଲିସ ମିଳିତ ଚଢାଉ କରି ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଛନ୍ତି। ଖବରରୁ ଜଣାପଡିଛି ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ପାଙ୍ଗାମ ପଞ୍ଚାୟତ ଅଧୀନ କଦମଗୁଡା ଗ୍ରାମର ପ୍ରଦୀପ୍ତ ମହାନ୍ତି (୩୭) ଗ୍ରାମର ଜଣେ ଯୁବତୀଙ୍କୁ ବଳାତ୍କାର କରିଥିବା ମାଥିଲି ଥାନାରେ ଗତ ୨୦୦୧ରେ ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ୨୯୫/୨୦୦୧ରେ ଏକ ମାମଲା ରୁଜୁ ହୋଇଥିଲା । ତେବେ ଘଟଣା ପରଠାରୁ ପ୍ରଦୀପ୍ତ ଫେରାର ଥିଲେ। ତେବେ ସେ ଗ୍ରାମରେ ଥିବା ଜାଣିପାରି ପାପଡାହାଣ୍ଡି ଓ ମାଥିଲି ପୋଲିସ ତାଙ୍କୁ ଧରିବାକୁ ଜାଲ ବିଛାଇଥିଲେ । ମାଥିଲି ଥାନା ଆଇଆଇସି ଜନ ଖୁଜୁର, ଡିଏସପି ଦିଲୀପ କୁମାର ଦାସ, ପାପଡାହାଣ୍ଡି ଥାନା ଆଇଆଇସି ତାରିକ ଅହମ୍ମଦଙ୍କ ନେତୃତ୍ୱରେ ଏସଆଇ ପଞ୍ଚାନନ ପରିଡା, ଏସଆଇ ଶିବଜୀ ପଣ୍ଡା ମିଳିତ ଚଢାଉ କରି ପ୍ରଦୀପ୍ତଙ୍କୁ ଧରିଥିଲେ । ପରେ ପାପଡାହାଣ୍ଡି ପୋଲିସ ତାଙ୍କୁ ମାଥିଲି ପୋଲିସକୁ ହସ୍ତାନ୍ତର କରିଛି । ଦୀର୍ଘ ଦିନରୁ ଏକ ବଳାତ୍କାର ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ମହାନ୍ତି ଫେରାର ଥିଲେ । ତାଙ୍କୁ ଗିରଫ କରାଯାଇଛି । କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି ଖୁଜୁର କହିଛନ୍ତି।

## ଖଇରପୁଟ: ବିଏଲ୍‌ଓ ସମ୍ମାନିତ

**ଖଇରପୁଟ,୨୫ା୧(ଡି.ଏନ୍.ଏ.)**

ଖଇରପୁଟ ବ୍ଲକର ଆମ୍ବିଲିପୁଟ ବୁଥର ବ୍ଲକସ୍ତରୀୟ ଅଧିକାରୀ ମନୋଜ କୁମାର ନାୟକ ଶୁକ୍ରବାର ଶ୍ରେଷ୍ଠ ବିଏଲ୍‌ଓ ରୂପେ ସମ୍ମାନିତ ହୋଇଛନ୍ତି । ଜାତୀୟ ଭୋଟର ଦିବସ ଉପଲକ୍ଷେ ଜିଲା ପ୍ରଶାସନ ପକ୍ଷରୁ ନାୟକଙ୍କୁ ପିଡି ଲିଙ୍ଗରାଜ ପଣ୍ଡା ସମ୍ମାନିତ କରିଥିଲେ । ଉପଜିଲାପାଳ ରାମେଶ୍ୱର ପ୍ରଧାନ, ସହକାରୀ ଜିଲାପାଳ ରାମକୃଷ୍ଣ ନାୟକ ଉପସ୍ଥିତ ଥିଲେ। ଖଇରପୁଟ ବ୍ଲକର ବିଭିନ୍ନ ବୁଥରେ ଏବଂ ବ୍ଲକ କାର୍ଯ୍ୟାଳୟରେ ବିଡିଓ ବିଶ୍ୱଜିତ୍ ବର୍ମାଙ୍କ ଉପସ୍ଥିତିରେ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି।

## ମଇନାମାଳ ବିଦ୍ୟାଳୟରେ ମୋ’ସ୍କୁଲ ଅଭିଯାନ

**ଦଶମନ୍ତପୁର,୨୫ା୧ (ଡି.ଏନ୍.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଜି. ଫୁଲବେଡା ଗ୍ରାମପଞ୍ଚାୟତ ଅଧୀନ ମଇନାମାଳର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ଓ ପୋଷାକ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଥ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ହିରାମଣି ଗାଦବା ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ନାଏବ ସରପଞ୍ଚ ମକର ଗୋଲରୀ, ପୂର୍ବତନ ଏସ୍‌ଏମ୍‌ସି କମିଟିର ସଭାପତି ହରିବନ୍ଧୁ ଖୋସ୍ଲା ଓ ସଭାପତି ମିନ ଗାଦବାଙ୍କ ସମେତ ୨୮୧ ଜଣ ପିଲା ଓ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ ।



ଜଣେ ଛାତ୍ରୀଙ୍କୁ ପୋଷାକ ପ୍ରଦାନ କରାଯାଉଛି ।

■ କାଳୀମନ୍ଦିରରୁ ଜନସ୍ୱାସ୍ଥ୍ୟ ବିଭାଗ ବିଶୋଧନ କେନ୍ଦ୍ର ପର୍ଯ୍ୟନ୍ତ ରାସ୍ତା କାମ

# ପିଚୁଠାରୁ ବାଲି ପରିମାଣ ଦ୍ୱିଗୁଣା

**ଜୟପୁର,୨୫ା୧(ଡି.ଏନ୍.ଏ.)**

କୋରାପୁଟ ଜିଲା ଜୟପୁର ପୌରସଂସ୍ଥା ସ୍ଥାନୀୟ ପୁରୁଣାଗଡ଼ କାଳୀମନ୍ଦିରଠାରୁ ଜନସ୍ୱାସ୍ଥ୍ୟ ବିଭାଗର ବିଶୋଧନ କେନ୍ଦ୍ରକୁ ସଂଯୋଗ କରୁଥିବା ରାସ୍ତା ଗତ କିଛି ଦିନ ପୂର୍ବରୁ ନିର୍ମାଣ କରିଛି। କିନ୍ତୁ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଛି।

ନିର୍ମାଣରେ ପିଚୁ ପରିମାଣ କମ୍ ଯୋଗୁ ଏହାକୁ ଘୋଡ଼ାଇବା ନିମନ୍ତେ ରାସ୍ତାରେ ବାଲି ପରିମାଣ ଅଧିକ ଢ଼ଳାଯାଇଥିବା ନେଇ ସ୍ଥାନୀୟ ଅଞ୍ଚଳ ବାସିନ୍ଦା ଅଭିଯୋଗ କରିଛନ୍ତି। ୧୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୁରୁଣାଗଡ଼ କାଳୀମନ୍ଦିର ନିକଟରୁ ଜଳ ବିଶୋଧନ କେନ୍ଦ୍ର ରାସ୍ତାର ୫୦୦ମିଟର ପର୍ଯ୍ୟନ୍ତ ପିଚୁ ପକାଯାଇ ନିର୍ମାଣ କରାଯାଇଛି। କିନ୍ତୁ ପିଚୁ ପରିମାଣ କମ୍ କରାଯାଇ ବହୁ ପରିମାଣରେ ବାଲି ଢ଼ଳାଯାଇଥିବା ଯୋଗୁ ଏହା ମାଟିରାସ୍ତା ପରି ଭ୍ରମ ସୃଷ୍ଟି କରୁଛି । ପଡ଼ିଥିବା ପିଚୁ ମଧ୍ୟ ସ୍ଥାନେ ସ୍ଥାନେ ଉଠିଯାଇଛି। ଠିକାସଂସ୍ଥା ଲାଭଖୋର୍ ମନୋଭାବ ରଖି ଏପରି ନିମ୍ନମାନର କାର୍ଯ୍ୟ କରିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ପୌରସଂସ୍ଥା ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯାଉଥିଲେ ସୁଦ୍ଧା ଅଧିକାଂଶ କାର୍ଯ୍ୟ ନିମ୍ନମାନର କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି । ଅନେକ ନିର୍ମାଣ କାର୍ଯ୍ୟ ଅଳ୍ପ ଦିନ ପରେ ନଷ୍ଟ ହୋଇଯାଉଥିବା ଭିଜିଲାନ୍ସ ବିଭାଗରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ପୌରସଂସ୍ଥାରେ ପିସି କାରବାର ଚାଲୁଥିବା ନେଇ ଠିକାଦାରମାନେ ମଧ୍ୟ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ କନିଷ୍ଠଯନ୍ତ୍ରୀ ଅଜୟ ଜାନିଙ୍କୁ ଯୋଗାଯୋଗ କରିବାରୁ ସମ୍ପୃକ୍ତ ଠିକାସଂସ୍ଥାକୁ ଠିକ୍ ଭାବେ ରାସ୍ତା ନିର୍ମାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କାମ ନିମ୍ନମାନର ଅଭିଯୋଗ ଯୋଗୁ ନିର୍ମାଣ ଅର୍ଥ ପ୍ରଦାନ କରାଯାଇନାହିଁ ବୋଲି କହିଥିଲେ।

## ଭାରରେ ବୁହା ହେଲେ ଗର୍ଭବତୀ

**ମାଥିଲି , ୨୫ା୧ (ସ୍ୱ.ପ୍ର.)**

ମାଲକାନଗିରି ଜିଲାରେ ପୁଣି ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତର ଚିତ୍ର ଦେଖିବାକୁ ମିଳିଛି। ମାଥିଲି ବ୍ଲକ ଅନ୍ତର୍ଗତ ବନ୍ଧଗୁଡା ଗ୍ରାମରେ ଆମ୍ବୁଲାନ୍ସ ପହଞ୍ଚି ନ ପାରିବାରୁ ଶୁକ୍ରବାର ଜଣେ ଗର୍ଭବତୀ ମହିଳାଙ୍କୁ ଭାରରେ ବୋହି ଡାକ୍ତରଖାନା ନେବାକୁ ପଡିଛି। ବ୍ଲକର କୁଟୁଣୀପାଲି ପଞ୍ଚାୟତର ଅପହଞ୍ଚ ବନ୍ଧଗୁଡା ଗ୍ରାମର ବିଶମ୍ବର ପେଦାଙ୍କ ସ୍ତ୍ରୀ ସନି ପେଦାଙ୍କର ଶୁକ୍ରବାର ପାହାନ୍ତିଆରେ ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ଆଶା ଦିଦି ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ତେବେ ଆମ୍ବୁଲାନ୍ସ ଠିକ ସମୟରେ ପହଞ୍ଚିଥିଲେ ମଧ୍ୟ ୩ କିମି ଦୂର ବନ୍ଧଗୁଡା ଗ୍ରାମକୁ ଶୋଚନୀୟ ରାସ୍ତା ଯୋଗୁ ଯାଇପାରି ନ ଥିଲା । କୌଣସି ବିକଳ୍ପ ନ ପାଇ ଶେଷରେ ପରିବାର ଲୋକେ ଗର୍ଭବତୀଙ୍କୁ ଭାର କରି ଗାଁରୁ ୩ କିମି ଦୂର ଆମ୍ବୁଲାନ୍ସ ନିକଟକୁ ବୋହି ଆଣିଥିଲେ । ସେଠାରୁ ଆମ୍ବୁଲାନ୍ସରେ ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ରରେ ନେଇ ଭର୍ତ୍ତି କରିଥିଲେ । ଏବେ ପ୍ରସୂତିଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ଥିବା ଜଣାପଡିଛି।

## ସଂକ୍ଷେପରେ



### ଜାତୀୟସ୍ତରରେ ସେଣ୍ଟ ଜାଭିୟର୍ସ ଛାତ୍ରଙ୍କ କୃତିତ୍ୱ

**ରାୟଗଡ଼ା ଅଫିସ, ୨୫।୧ :** ପିସିଆରଏ ପେଟ୍ରୋଲିୟମ କଞ୍ଜରଭେଶନ ରିସୋର୍ସ ଆସୋସିଏଶନ ତରଫରୁ ଜାତୀୟସ୍ତରୀୟ ପ୍ରବନ୍ଧ, କୁଇଜ୍ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାକୁରୁଗୁଡା ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡାରୀ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ନବମ ଶ୍ରେଣୀ ଛାତ୍ର ଆରାୟନ ପଟ୍ଟନାୟକ ଇଂରାଜୀ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ପୁରସ୍କୃତ ହୋଇଛନ୍ତି। ତାଙ୍କୁ ଜାତୀୟ ସ୍ତରରେ ୫୦୦୦ ଟଙ୍କା ଓ ମାନପତ୍ର ପ୍ରଦାନ କରାଯାଇଛି। ସେଣ୍ଟ ଜାଭିୟର୍ସ ସେକେଣ୍ଡାରୀ ହାଇସ୍କୁଲ ତଥା ଜାଭିୟର୍ସ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଡା. ଜି.ଏସ୍. ପଟ୍ଟନାୟକ, ଆଞ୍ଚଳିକ ମୁଖ୍ୟ ସମ୍ପୂର୍ଣ୍ଣା ମିଶ୍ର, ବିଦ୍ୟାଳୟ ଅଧକ୍ଷା ଅଶ୍ମି ଜୈନ, ପ୍ରଶାସନିକ ଅଧିକାରୀ ଅକ୍ଷୟ କୁମାର ପ୍ରଧାନ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ୨୮ରୁ ଆନ୍ଦୋଳନ କରିବେ ଜୀବିକା ମିଶନ କର୍ମଚାରୀ



**ରାୟଗଡ଼ା ଅଫିସ,୨୫।୧:** ଓଡ଼ିଶା ଜୀବିକା ମିଶନର ମହିଳା କର୍ମଚାରୀମାନେ ଆସନ୍ତା ୨୮ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ। ଜୀବିକା ମିଶନ ଅଧୀନରେ କାର୍ଯ୍ୟ କରୁଥିବା ଏମବିକେ ଓ ସିଆରପିମାନେ ମିଳିତ ଭାବେ ଏହି ଆନ୍ଦୋଳନ କରିବେ। ଏନେଇ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଡେ଼ପୁଟି କଲେକ୍ଟର ସୁବ୍ରତ ପାଣିଗ୍ରାହୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମହିଳା ସଶକ୍ତୀକରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏମ୍‌ବିକେମାନେ ମାସିକ ୩ ହଜାର ଓ ସିଆରପିମାନେ ମାସିକ ୧୫୦୦ ଟଙ୍କା ଦରମା ପାଉଛନ୍ତି। ଏମ୍‌ବିକେମାନଙ୍କୁ ମାସିକ ୯ ହଜାର ୬୦୦ ଏବଂ ସିଆରପିମାନଙ୍କୁ ମାସିକ ୮ ହଜାର ୪୦୦ ଟଙ୍କା ଦରମା ପ୍ରଦାନ କରିବାକୁ ଦାବି କରାଯାଇଛି। ଏନେଇ ୨୮ ତାରିଖରେ ଭୁବନେଶ୍ୱରଠାରେ ଏକ ବିଶାଳ ସମାବେଶ ଆୟୋଜନ କରାଯିବା ସହ ଆମରଣ ଅନଶନ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଏମବିକେ ସଂଘର ଜିଲା ସଭାନେତ୍ରୀ ରୂପବତୀ ନାଲା, ସମ୍ପାଦିକା ପ୍ରଭାତୀ ନାୟକ ଓ ସିଆରପି ସଂଘର ଜିଲା ସଭାନେତ୍ରୀ ଅମ୍ବିକା ନାୟକ, ସମ୍ପାଦିକା ନର୍ମଦା ମହାନ୍ତିଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି।

### 'ମାଧ୍ୟମିକ ବିଦ୍ୟାଳୟ ଶିକ୍ଷାର୍ଥୀଙ୍କୁ ସାଇକେଲ ଦିଆଯାଉ'

**ପାରଳାଖେମୁଣ୍ଡି, ୨୫।୧(ସ୍ୱ.ପ୍ର.):** ରାଜ୍ୟ ସରକାର ଶିକ୍ଷା ଅଭିବୃଦ୍ଧି ତଥା ବିକାଶ ଲକ୍ଷ୍ୟରେ ବହୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପ୍ରାଥମିକ ଶିକ୍ଷାକ୍ଷେତ୍ରରେ ପିଲାଙ୍କୁ ସ୍କୁଲକୁ ଆଣିବା ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଯୋଗୁ ବହୁ ଗରିବ ଛାତ୍ରୀଛାତ୍ର ଉପକୃତ ହେଉଛନ୍ତି। କିନ୍ତୁ ଗଣଶିକ୍ଷା ବିଭାଗ ଅଧିନରେ ଥିବା ମାଧ୍ୟମିକସ୍ତରର ପିଲାଙ୍କ ପାଇଁ ସେପରି କିଛି ଉଲ୍ଲେଖନୀୟ ଯୋଜନା ନାହିଁ। ଏହି ସ୍ତରର ପିଲାମାନେ ନିଜନ ଓଜନିଆ ବହିବସ୍ତାନୀ ସହ ବିଦ୍ୟାଳୟକୁ ଯାଉଛନ୍ତି। କେତେକ ପିଲା ବାଇକ ବ୍ୟବହାର କରୁଥିବା ମଧ ଲକ୍ଷ୍ୟ କରାଯାଇଛି। ଯାହାକି ଗ୍ରହଣଯୋଗ୍ୟ ନୁହେଁ। ଏହି ସବୁକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଗରିବ ପିଲାଙ୍କୁ ସାଇକେଲ ଓ ଏହା ମରାମତି ପାଇଁ ଭତ୍ତା ପ୍ରଦାନ କଲେ ଉଭୟ ଶିକ୍ଷାର୍ଥୀ ଏବଂ ଅଭିଭାବକମାନେ ଉପକୃତ ହୋଇପାରନ୍ତେ ବୋଲି ବୁଦ୍ଧିଜିବୀ ମହଲରେ ମତ ପ୍ରକାଶ ପାଇଛି। ଅଧାରୁ ପାଠ ଛାଡି ଦେଉଥିବା ପିଲାଙ୍କୁ ସ୍କୁଲକୁ ଆଣିବାରେ ଏହା ବିଶେଷ ସହାୟକ ହେବା ସହ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶତ ପ୍ରତିଶତ ପିଲା ପାଠ ପଢିବାକୁ ଆଗ୍ରହୀ ପ୍ରକାଶ କରିବେ ବୋଲି ଗଜପତି ଜିଲା ସରକାରୀ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘର ପୂର୍ବତନ ସମ୍ପାଦକ ତଥା ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ପାଣିଗ୍ରାହୀ ମତବ୍ୟକ୍ତ କରିଛନ୍ତି।

■ ଆନ୍ଧ୍ରବ୍ୟାଙ୍କ ସମ୍ମୁଖରୁ ଲୁଟ୍ ଘଟଣା

# ୨ ଗିରଫ, ୪ ଲକ୍ଷ ଟଙ୍କା ଜବତ



ଖବରଦାତା ସମ୍ମିଳନୀରେ ଗିରଫ ଦୁଇ ଅଭିଯୁକ୍ତଙ୍କ ସହ ପୋଲିସ ଅଧିକାରୀମାନେ।



ଜବତ ହୋଇଥିବା ଟଙ୍କା।

**ରାୟଗଡ଼ା ଅଫିସ୍, ୨୫।୧**

ରାୟଗଡ଼ା ସହରର ନ୍ୟୁକଲୋନୀସ୍ଥିତ ଆନ୍ଧ୍ରବ୍ୟାଙ୍କ ସମ୍ମୁଖରୁ ଲୁଟ୍ ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆସିକା ଥାନା ଅନ୍ତର୍ଗତ ଝାଗଦେଇ ଗ୍ରାମର ଦୁର୍ଗା ଦାସ ଏବଂ ନାରାୟଣପୁର ଗ୍ରାମର ଆଉଲୁ କାଳି। ସେମାନଙ୍କ ନିକଟରୁ ୪ ଲକ୍ଷ ଟଙ୍କା ଓ ଏକ ବାଇକ(ଓଡି-୩୨-ଡି-୩୩୬୯) ଜବତ କରାଯାଇଛି। ଉକ୍ତ ଦୁଇ ଲୁଟେରାଙ୍କୁ ହାଇଦ୍ରାବାଦରୁ ଗିରଫ କରାଯାଇଥିବା ଏକ ଖବରଦାତା ସମ୍ମିଳନୀରେ ଏସପି ରାହୁଲ ପିଆର ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଗତ ୪ ତାରିଖରେ ବ୍ୟବସାୟୀ ଶ୍ରୀରାମ ଗନ୍ତାୟତ ଆନ୍ଧ୍ରବ୍ୟାଙ୍କରୁ ୯ ଲକ୍ଷ ଟଙ୍କା ଉଠାଇ ନିଜ ଦୋକାନକୁ ଯିବାକୁ ପ୍ରସ୍ତୁତ ହେଉଥିଲେ। ବ୍ୟାଗରେ ଟଙ୍କା ରଖି ବାଇକ୍‌କୁ ବାହାର କରିବା ବେଳେ ଦୁଇଜଣ ଲୁଟେରା ଆସି ତାଙ୍କର ଟଙ୍କା ବ୍ୟାଗକୁ ଛଡାଇ ନେଇଥିଲେ। ଏ ନେଇ ସେ ରାୟଗଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ. ୫/୧୯) ରୁଜୁ କରି ତନାଘନା କରିଥିଲା। ଏଥିରେ ଗଞ୍ଜାମ ଜିଲାର ୪ ଲୁଟେରା ସମ୍ପୃକ୍ତ ଥିବା ଜାଣିବାକୁ ପାଇଥିଲା। ଲୁଟ୍ ପରେ ଉକ୍ତ ଦୁଇ ଲୁଟେରାଙ୍କ ସମେତ ଅନ୍ୟ ଦୁଇଜଣ ନିଜ ଗାଁକୁ ଯାଇ ଟଙ୍କାକୁ ମାଟିତଳେ ପୋତି ଦେଇଥିଲେ। ସେଠାରୁ ଦୁଇଭାଗରେ ବିଭକ୍ତ ହୋଇ ଦୁର୍ଗା ଓ କାଳି ଚାଲିଯାଇଥିଲେ ହାଇଦ୍ରାବାଦ। ଅନ୍ୟ ଦୁଇଜଣ କେଉଁଆଡେ ଯାଇଛନ୍ତି ତାହା ଜଣାପଡିନାହିଁ। ମାଟିତଳେ ୪ ଲକ୍ଷ ଟଙ୍କା ପୋତାଯାଇଥିବା ବେଳେ ବଳକା ୫ ଲକ୍ଷ ଧରି ରାଜ୍ୟ ବାହାରକୁ ଚାଲିଯାଇଥିଲେ। ପୋଲିସ ସେମାନଙ୍କ ମୋବାଇଲ ଟ୍ରାକ୍ କରି ହାଇଦ୍ରାବାଦ୍‌ରେ ରହିଥିବା ଜାଣିବାକୁ ପାଇଥିଲା। ଏହାପରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ହାଇଦ୍ରାବାଦ ଯାଇ ଉକ୍ତ ଦୁଇଜଣଙ୍କୁ ଗିରଫ କରିଥିଲା। ହାଇଦ୍ରାବାଦ ପୋଲିସ ସହାୟତାରେ ସେମାନଙ୍କୁ ଗିରଫ କରିବା ପରେ ଗୁରୁବାର ରାତିରେ ରାୟଗଡ଼ା ଅଣାଯାଇଥିଲା। ତୁରନ୍ତ ଅନ୍ୟ ଦୁଇଜଣଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଅଶୋକ ସାହୁ, ଏସ୍‌ଡିପିଓ ରାଜକିଶୋର ଦାସ, ଆଇଆଇସି କୃଷ୍ଣଚନ୍ଦ୍ର ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ।

■ ତେଜିଲା ମଦ ବିରୋଧୀ ଆନ୍ଦୋଳନ

## ଉପଜିଲାପାଳଙ୍କୁ ଦାବିପତ୍ର

**ଗୁଣପୁର,୨୫।୧(ଡି.ଏନ.ଏ)**



ମଦ ବନ୍ଦ କରାଯିବାକୁ ଦାବି ଜଣାଇବାକୁ ଆସିଥିବା ଘନାନ୍ତ୍ରୀ ଗ୍ରାମବାସୀ।

ରାୟଗଡା ଜିଲା ଗୁଣପୁର ବ୍ଲକ ଘନାନ୍ତ୍ରୀ ପଞ୍ଚାୟତରେ ମଦ ବିରୋଧୀ ଆନ୍ଦୋଳନ ତେଜିବାରେ ଲାଗିଛି। ପଞ୍ଚାୟତରେ ମଦ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବା ନେଇ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦରଙ୍କୁ ଏକ ଦାବିପତ୍ର ଶୁକ୍ରବାର ପ୍ରଦାନ କରାଯାଇଛି। ମଦ ପିଇବା ଦ୍ୱାରା ସାମାଜିକ ସ୍ଥିତି ବିଶୃଙ୍ଖଳା ହେବାରେ ଲାଗିଛି। ଗାଁରେ ଅଶାନ୍ତି ଲାଗି ରହୁଛି। ଯୁବ ଗୋଷ୍ଠୀ କୁପ୍ରଭାବର ଶିକାର ହେବାସହ ପଥଭ୍ରଷ୍ଟ ହେଉଛନ୍ତି। ତେଣୁ ଭବିଷ୍ୟତକୁ ଦୃଷ୍ଟିରେ ରଖି ଘନାନ୍ତ୍ରୀ ପଞ୍ଚାୟତରେ ମଦ ବିକ୍ରୟ ବନ୍ଦ କରାଯାଉ ବୋଲି ଗ୍ରାମର ମହିଳା ଏବଂ ଯୁବକମାନେ ଦାବି କରିଛନ୍ତି। ଏଥିସହ ସରପଞ୍ଚ ମଧ୍ୟ ଗାଁରେ ମଦ ବିକ୍ରୟକୁ ବିରୋଧ କରିଛନ୍ତି। ଏନେଇ ଗତ ୨୧ ତାରିଖରେ ଗ୍ରାମରେ ଏକ ବୈଠକ ହୋଇଥିଲା। ୨୩ ତାରିଖରୁ ଗାଁରେ ମଦକୁ ବିରୋଧ କରାଯିବାକୁ ବୈଠକରେ ସ୍ଥିର ହୋଇଥିଲା। ତେଣୁ ଗ୍ରାମର ହିତ ଦୃଷ୍ଟିରୁ ମଦ ବନ୍ଦ କରାଯାଉ ବୋଲି ସରପଞ୍ଚ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅବଗତ କରିଛନ୍ତି।

### ବେଙ୍ଗାଲୁରୁ ଆଲୋଚନାଚକ୍ରରେ ଗୁଣପୁର ଶିକ୍ଷକ

**ଗୁଣପୁର,୨୫।୧(ଡି.ଏନ.ଏ)**

ଶିକ୍ଷାର ମାନ ବୃଦ୍ଧି କରିବା ପାଇଁ ଓଡିଶା ସରକାର ବିଭିନ୍ନ ସଂସ୍ଥା ମାଧ୍ୟମରେ ପ୍ରୟାସ ଚାଲୁ ରଖିଥିବାବେଳେ ଗଣିତ ଶିକ୍ଷାରମାନ ବୃଦ୍ଧି ପାଇଁ ମଧ୍ୟ ପଦକ୍ଷେପ ଗ୍ରହଣ କରିଛନ୍ତି। କର୍ନାଟକ ରାଜ୍ୟର ଅକ୍ଷରା ଫାଉଣ୍ଡେଶନ ଟ୍ରଷ୍ଟ ସହ ଓଡିଶା ସରକାର ଅନୁବନ୍ଧିତ କରି ଗଣିତ ଶିକ୍ଷାର ମାନ ବୃଦ୍ଧି ନିମନ୍ତେ ସ୍ଥିର କରିଛନ୍ତି। ସେଥିପାଇଁ ପାଇଲଟ ବେସିସରେ ରାୟଗଡା ଏବଂ ବଲାଙ୍ଗିର ଜିଲାରେ ଗଣିତ କଳିକା ଆନ୍ଦୋଳନ ଆରମ୍ଭ ହୋଇଛି। ଏହି ଆନ୍ଦୋଳନରେ ଜିଲାର ପ୍ରତି ସ୍କୁଲର ଶିକ୍ଷକ,ଶିକ୍ଷୟିତ୍ରୀଙ୍କୁ ତାଲିମ ଦିଆଯାଇ ଗୋଟିଏ ଲେଖାଏଁ ଗଣିତ କିଟ ପ୍ରଦାନ କରାଯାଇଛି। ଏହି ଅବସରରେ ଅକ୍ଷରା ଫାଉଣ୍ଡେସନ ପକ୍ଷରୁ ଗତ ୧୮ ତାରିଖରେ ବେଙ୍ଗାଲୁରୁଠାରେ ଗଣିତ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଯେଉଁଥିରେ ଭାରତର ଦକ୍ଷ ଓ ଅଭିଜ୍ଞ ଗଣିତଜ୍ଞ ତଥା ପ୍ରଶିକ୍ଷକମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଗୁଣପୁରର ଶିକ୍ଷକ ସଞ୍ଜୀବ କୁମାର ପଟ୍ଟନାୟକ ଓଡିଶା ପାଇଁ ପ୍ରତିନିଧିତ୍ୱ କରିଥିଲେ। ଆଲୋଚନାଚକ୍ରରେ ସଞ୍ଜୀବ ଭାଗ ନେଇ ଉଚ୍ଚ ପ୍ରଶଂସିତ ହୋଇଥିଲେ।

## ଆଇନ ଅଧିକାର ସଚେତନତା ଶିବିର

**ରାୟଗଡ଼ା ଅଫିସ,୨୫।୧**

ଜିଲା ଆଇନ ସେବା ପ୍ରାଧିକରଣ ରାୟଗଡା ଦ୍ୱାରା ଶୁକ୍ରବାର ରାୟଗଡା ସିଭିଲକୋର୍ଟ ପରିସରରେ ଥିବା ସଭାଗୃହରେ ତୃତୀୟ ଲିଙ୍ଗଙ୍କ ପାଇଁ ଆଇନ ଅଧିକାର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଦୌରା ଜଜ୍ ସୌମ୍ୟଶେଖର ଜେନା ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲା ଦୌରା ଜଜ୍ ଦେବଦତ୍ତ ଦାସ ମହାପାତ୍ର, ରେଜିଷ୍ଟ୍ରାର ସୁନନ୍ଦା ପାଢ଼ୀ, ବରିଷ୍ଠ ଦେୱାନୀ ବିଚାରପତି ରୁଦ୍ରପ୍ରସାଦ ମହାପାତ୍ର, ଅନୁବିଭାଗୀୟ ଦଣ୍ଡାଧିକାରୀ ସୁଚରିତା ମହାନ୍ତି, ନ୍ୟାୟାଧିକାରୀ ଗ୍ରାମନ୍ୟାୟାଳୟ ବୈଶାଳି ନାୟକ, ଦ୍ୱିତୀୟ ଶ୍ରେଣୀ ଦଣ୍ଡାଧିକାରୀ ମହମ୍ମଦ ହବିବୁଲ ରେହେମାନଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ କିନ୍ନର ଉପସ୍ଥିତ ଥିଲେ। ତୃତୀୟ ଲିଙ୍ଗମାନଙ୍କର ଅଧିକାର, କର୍ତ୍ତବ୍ୟ, ସରକାରଙ୍କ ଦ୍ୱାରା ଉପଲବ୍ଧ ଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ଅତିଥିମାନେ ଆଲୋକପାତ କରିବା ସହ ପୁରାଣରୁ ବହୁ ଉଦାହରଣ ଦେଇ ସେମାନଙ୍କର ମନୋବଳ ସୁଦୃଢ଼ କରାଇଥିଲେ। ଆଇନସେବା ପ୍ରାଧିକରଣର ସମ୍ପାଦକ ହୃଷୀକେଶ ସାହୁ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ଶେଷରେ ମଧ୍ୟସ୍ଥତା କରୁଥିବା ଓକିଲ ସାମୁଏଲ୍ ତାଣ୍ଡି ଧନ୍ୟବାଦ ଦେଇଥିଲେ।




ଶିବିରରେ ଯୋଗ ଦେଇଥିବା କିନ୍ନରମାନେ।

### ବୋଲେରୋ-ବାଇକ୍ ଧକ୍କା,୨ ଗୁରୁତର

**ମୁନିଗୁଡ଼ା,୨୫।୧(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ମୁନିଗୁଡ଼ା ଥାନା ଅନ୍ତର୍ଗତ ପାତ୍ରଗୁଡ଼ା ଗ୍ରାମ ନିକଟରେ ଶୁକ୍ରବାର ଏକ ବୋଲେରୋ ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଅସୁରପଡ଼ା ଗ୍ରାମର ସୁନିଲ ଟାକ୍ରା ଓ ପରମାନନ୍ଦ ଭାତ୍ରା। ସେମାନଙ୍କୁ ପ୍ରଥମେ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ବିଷମକଟକ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି।



### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଲୋ ମୁକୁତି,**
**ବାର ବରଷରେ ହବୁ ପୋଖତି।**

ବାହାଘରର ୨-୩ବର୍ଷ ଭିତରେ ପିଲାପିଲି ନ ହେଲେ ଅନେକେ ଖରାପ ଭାବନ୍ତି। ବନ୍ଧ୍ୟା ସ୍ତ୍ରୀକୁ ଦେଖିଲେ ଅଶୁଭ ବୋଲି ଭାବନ୍ତି। ଆଡ଼ ଆଖିରେ ବି ଅନାନ୍ତି ନାହିଁ। କଥାରେ କଥାରେ ଆଜିଯାଏ ତ ପିଲାପିଲିର ମା' ହେଲୁନି ଆଉ କେବେ ହବୁ, ପୁଅ ବୁଢ଼ୀ ହୋଇଗଲେ କି ବୋଲି ଟାହିଟାପରା କରିଥାନ୍ତି। ବନ୍ଧ୍ୟା ରହିବା ଏକ ସାମାଜିକ କଳଙ୍କ ବୋଲି ଧରାଯାଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆରେ ରସିକ,**
**କଖାରୁ ଫୁଲକୁ ପାରୁଡ଼ା ପୋକ।**

କଖାରୁ ଫୁଲ ହଳଦିଆ। ତା'ର ବାସନା ନାହିଁ। ଏହି ଫୁଲକୁ କେହି ଫୁଲ ବୋଲି ଗଣତି କରନ୍ତି ନାହିଁ। ପାରୁଡ଼ା ପୋକ ଅସୁନ୍ଦର ଦୁର୍ଗନ୍ଧଯୁକ୍ତ। ହାତରେ ମଳି ହୋଇଗଲେ ହାତ ଗନ୍ଧାଏ। ସେ କଖାରୁ ଫୁଲରେ ବସି ରସ ସଂଗ୍ରହ କରେ। ପରୋକ୍ଷରେ ଅପରଷ୍କାର ତଥା ଯାହାକୁ କେହି ଅନେଇ ନ ଥାନ୍ତି, ତା' ପଛରେ ଧାଇଁ ରସିକପଣିଆ ଦେଖେଇ ହେଉଥିବା ବ୍ୟକ୍ତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଭୋଟର ଦିବସରେ ବାହାରିଲା ଶୋଭାଯାତ୍ରା




ଉପଜିଲାପାଳ ପୁରସ୍କାର ପ୍ରଦାନ କରୁଛନ୍ତି।

**ଗୁଣପୁର,୨୫।୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁରଠାରେ ଉପଖଣ୍ଡସ୍ତରୀୟ ଜାତୀୟ ଭୋଟର ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ସମେତ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ମହିଳା ସ୍ୱୟଂ ସହାୟକ ଦଳ, ଏନସିସି, ସ୍କାଉଟ ପିଲାମାନେ ମଧ୍ୟ ଭାଗ ନେଇଥିଲେ। ଶୋଭାଯାତ୍ରା ଟାଉନ ହଲଠାରେ ପହଞ୍ଚିବା ପରେ ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଗୁଣପୁର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ଯୋଗଦେଇ ଭୋଟର ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିବା ସହ ଏ ଦିଗରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ନମ୍ରତା ମୋଦି, ଆସିଷ୍ଟାଣ୍ଟ କଲେକ୍ଟର ରିନା ପ୍ରଧାନ ମଞ୍ଚାସୀନ ଥିଲେ। ନୂତନ ଭୋଟରଙ୍କୁ ଭୋଟ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଗୁଣପୁର ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ମଧ୍ୟ ଭୋଟର ଦିବସ ପାଳିତ ହୋଇଥିଲା। ବିଡିଓ ଗାୟତ୍ରୀ ଦେବୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିରିଝୋଲି ପଞ୍ଚାୟତର କଇଠପଦର ଗାଁରେ ମଧ୍ୟ ଜାତୀୟ ଭୋଟର ଦିବସ ପାଳନ ହୋଇଥିଲା। ବିଏଲଓ ପୂର୍ଣ୍ଣଚନ୍ଦ୍ର ଶତପଥୀ ଉପସ୍ଥିତ ରହି ଭୋଟର ଦିବସ ଉପରେ ଲୋକଙ୍କୁ ସଚେତନ କରାଇଥିଲେ।

## ଜାତୀୟ ଭୋଟର ଦିବସ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ମୁନିଗୁଡ଼ା,୨୫।୧(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ମୁନିଗୁଡ଼ା କଲେଜରେ କ୍ରୀଡ଼ା ଅଧ୍ୟାପକ ଚତୁର୍ଭୁଜ ବରିହରଙ୍କ ନେତୃତ୍ୱରେ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଡ଼ିଗ୍ରୀ କଲେଜ ଅଧ୍ୟକ୍ଷ ହୃଷିକେଶ ଜାଲି ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ପରେ ଜାତୀୟ ସେବା ସଂସ୍ଥାର କାର୍ଯ୍ୟକ୍ରମ ଅଧିକାରୀ ତଥା ଅଧ୍ୟାପକ ବିରାଟ କିଶୋର ପଣ୍ଡା ଭୋଟର ଦିବସର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ମନୋଜ ବେହେରା, ଦେବବ୍ରତ ରାଜଗୁରୁ, ରାମନାଥ ମହାପାତ୍ର, ଅଧ୍ୟାପିକା କଲ୍ୟାଣୀ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

## ସାଧାରଣତନ୍ତ୍ର ଦିବସ ନେଇ ବିଭିନ୍ନ ସ୍ଥାନରେ ହାଇଆଲର୍ଟ

**ରାୟଗଡ଼ା ଅଫିସ,୨୫।୧**

ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନେଇ ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସ୍ଥାନୀୟ ଜିସିଡ଼ି ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଆୟୋଜିତ ଉତ୍ସବରେ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତିମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅଭିଭାଦନ ଗ୍ରହଣ କରିବେ। ଅପରପକ୍ଷରେ ଶୁକ୍ରବାରଠାରୁ ମାଓବାଦୀମାନେ ୬ ଦିନ ଧରି ପ୍ରତିରୋଧ ଦିବସ ପାଳନ କରିବା ସହ ୩୧ରେ ବନ୍ଦ ଡ଼ାକରା ଦେଇଛନ୍ତି। ସାଧାରଣତନ୍ତ୍ର ଦିବସକୁ କଳା ଦିବସ ଭାବେ ପାଳନ କରିବାକୁ ମାଓବାଦୀଙ୍କ ପକ୍ଷରୁ ଆହ୍ୱାନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ମାଓବାଦୀ ପ୍ରବଣ ଥାନା ଅଞ୍ଚଳରେ କୋମ୍ବିଂ ଅପରେଶନ ଜୋରଦାର କରାଯିବା ସହ ହାଇ ଆଲର୍ଟ ଜାରି କରାଯାଇଥିବା ଏସ୍‌ପି ରାହୁଲ ପିଆର ସୂଚନା ଦେଇଛନ୍ତି। ଜିଲାର କଲ୍ୟାଣସିଂହପୁର, କାଶୀପୁର, ମୁନିଗୁଡ଼ା, ଆମ୍ବାଦୋଳା, ବିଷମକଟକ ଥାନା ଅଞ୍ଚଳରେ ସର୍ବାଧିକ ସତର୍କତା ଅବଲମ୍ବନ କରାଯାଇଛି। ଜିଲାର ସମସ୍ତ ଷ୍ଟେଶନ, ବସଷ୍ଟାଣ୍ଡ ଓ ଜନଗହଳିପୂର୍ଣ୍ଣ ଅଞ୍ଚଳରୁ ଗୋଇନ୍ଦା ବିଭାଗ ନଜର ରଖିଛି। ମାଓବାଦୀଙ୍କ କୌଣସି ପ୍ରକାର ଅଘଟଣକୁ ପଣ୍ଡ କରିବା ନେଇ ପୋଲିସ ପ୍ରସ୍ତୁତ ଥିବା ଏସ୍‌ପି ପ୍ରକାଶ କରିଛନ୍ତି।

## ଶହେ ପରିବାରକୁ ଗୋଟିଏ ନଳକୂପ

**ଝିରିଗୁମ୍ମା ଗାଁ**

**ଟିକିରି,୨୫।୧(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ତଳଝିରି ପଞ୍ଚାୟତର ଏକ ଗାଁ ହେଉଛି ଝିରିଗୁମ୍ମା। ପଞ୍ଚାୟତ ସଦରଠାରୁ କିଛି ଦୂରରେ ଥିବା ଏହି ଗାଁ ସୁଙ୍ଗେର ରାସ୍ତାଠାରୁ ଦୁଇ କିଲୋମିଟର ଦୂରରେ ଅବସ୍ଥିତ। ଏଠାରେ ଶହେ ପରିବାର ବସବାସ କରୁଛନ୍ତି। ସେମାନଙ୍କ ପାଇଁ ରହିଛି ଗୋଟିଏ ନଳକୂପ, ଯାହା ଗ୍ରାମବାସୀଙ୍କ ଆବଶ୍ୟକତା ମେଣ୍ଟାଇ ପାରୁନାହିଁ। ଖରାଦିନ ନ ଆସୁଣୁ ନଳକୂପର ଜଳସ୍ତର ହ୍ରାସ ପାଉଥିବାରୁ ଏବେ ଠୁ ଲୋକେ ପାଣି ପାଇଁ ଅସୁବିଧା ଭୋଗିଲେଣି। ଖରାଦିନେ ଏହା ଦ୍ୱିଗୁଣିତ ହୋଇଯିବ। ବାଧ୍ୟ ହୋଇ ଲୋକେ ଗାଁ ନିକଟରେ ଥିବା ନାଳରୁ ପାଣି ଆଣି ବ୍ୟବହାର କରୁଛନ୍ତି। ଫଳରେ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଗ୍ରାମର ଲକ୍ଷ୍ମୀ ଗୌଡ଼, ଜଗମୋହନ ଗୌଡ଼, ସାଇନ ଗୌଡ଼ ପ୍ରକାଶ କରିଛନ୍ତି। ସେହିପରି ଉକ୍ତ ଗାଁକୁ ଯିବା ପାଇଁ ରାସ୍ତାଟିଏ ନାହିଁ। ଯାହା ଅଛି ସେଥିରେ ଯିବା ସମ୍ଭବ ନୁହେଁ। ରାସ୍ତା ଓ ପାନୀୟ ଜଳ ସମସ୍ୟା ନେଇ ବାରମ୍ବାର ଜଣାଇଲେ ବି ଆମ ଦୁଃଖ କେହି ଶୁଣୁ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ତୁରନ୍ତ ଏହି ସମସ୍ୟା ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।



ଜଣେ ମହିଳା ନାଳରେ ଆସୁଥିବା ପାଣି ସଂଗ୍ରହ କରୁଛନ୍ତି।